THE SUNDAY SECTION OF NITIDIN

୧୬ ପୃଷ୍ଠା

ନିତିଦିନ NITIDIN

ନଜର

ରବିବାର ମ୍ୟାଗାଜିନ୍ ■ ୮ ଫେବୃଆରୀ ୨୦୨୬



ନିଖିଲ ଓ ସାମ୍ୟୁକ୍ତାଙ୍କ ସୟମ୍ଭୁ

● ମନୋରଞ୍ଜନ

# ଅପେଁରା ଅପେରା



# ଶ୍ରୀ ରାମକୃଷ୍ଣ ଚରିତାମୃତ (୩୨)

■ **ମନୋଜ କୁମାର ମହାପାତ୍ର**



ମଥୁରବାବୁଙ୍କ ସହିତ ଶ୍ରୀ ରାମକୃଷ୍ଣଙ୍କର ଭେଟ ଏହି ସମୟ ଭିତରେ ଷୋହଳ ବର୍ଷ ବିତିଗଲାଣି । ଏହା ଭିତରେ ମଥୁରଙ୍କ ମନରେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଘଟିଲାଣି । ୧୮୭୧ ଖ୍ରୀଷ୍ଟାବ୍ଦ ଜୁଲାଇ ମାସରେ ମଥୁରବାବୁ ହଠାତ୍ ଟାଇଫଏଡ୍ ଜ୍ୱରରେ ଆକ୍ରାନ୍ତ ହେଲେ । ଶ୍ରୀ ରାମକୃଷ୍ଣ ପୂର୍ବରୁ ଜାଣିପାରିଥିଲେ ଯେ ଏହା ହେଉଛି ମଥୁରଙ୍କ ଶେଷ ସମୟ । ସେହି ଦୁର୍ଦ୍ଦିନ ମଧ୍ୟ ଉପସ୍ଥିତ ହେଲା । ମଥୁରଙ୍କୁ କାଳୀଘାଟ ନିଆଯାଇଥିଲା । ସେହିଦିନ ଶ୍ରୀ ରାମକୃଷ୍ଣ ଦୁଇ ତିନି ଘଣ୍ଟା ଗଭୀର ସମାଧିରେ ବୁଡି ରହିଥିଲେ । ସନ୍ଧ୍ୟା ପାଞ୍ଚଟା ପରେ ତାଙ୍କର ଚେତନା ଫେରିଆସିଲା ଏବଂ ସେ ହୃଦୟଙ୍କୁ ଡ଼ାକି କହିଲେ ମଥୁରଙ୍କର ଆତ୍ମା ଜଗନ୍ମାତାଙ୍କ ନିକଟକୁ ଚାଲିଗଲାଣି । ରାତି ବିତିବା ପରେ ଦକ୍ଷିଣେଶ୍ୱରରେ ଖବର ପହଞ୍ଚିଲା ଯେ ମଥୁରବାବୁଙ୍କର ମୃତ୍ୟୁ ଠିକ୍ ପାଞ୍ଚଟାରେ ହୋଇଯାଇଛି । ମଥୁରଙ୍କର ଦେହାନ୍ତ ସହିତ ଏଭଳି ଜଣେ ବ୍ୟକ୍ତିତ୍ୱଙ୍କର ଅନ୍ତର୍ଦ୍ଧାନ ଘଟିଲା ଯେ ଯିଏ ଶ୍ରୀ ରାମକୃଷ୍ଣଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ଥିଲେ ।

ଶ୍ରୀ ରାମକୃଷ୍ଣ ନିଜର ସମୟକୁ ବିଭିନ୍ନ ଚିନ୍ତାଶୀଳ ଏବଂ ଲବ୍ଧପ୍ରତିଷ୍ଠ ବ୍ୟକ୍ତିମାନଙ୍କ ସହିତ ମିଶି ତଥା ସେମାନଙ୍କର ଆଧ୍ୟାତ୍ମିକ ଅବସ୍ଥାକୁ ଅଧ୍ୟୟନ କରି ପ୍ରସନ୍ନତା ଅନୁଭବ କରୁଥିଲେ । ୧୮୭୫ ଖ୍ରୀଷ୍ଟାବ୍ଦରେ ବ୍ରାହ୍ମ-ଆନ୍ଦୋଳନର ତତ୍କାଳୀନ ସର୍ବଶ୍ରେଷ୍ଠ ନେତା କେଶବଚନ୍ଦ୍ର ସେନଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । କେଶବଚନ୍ଦ୍ରଙ୍କର ଧର୍ମପରାୟଣତା ସମ୍ବନ୍ଧରେ ଶୁଣି ତାଙ୍କ ସହିତ ଦେଖା କରିବାକୁ ତାଙ୍କର ପ୍ରବଳ ଇଚ୍ଛା ହୋଇଥିଲା । ସେ କେଶବଙ୍କୁ ପ୍ରଥମେ ଆଦି-ବ୍ରାହ୍ମ ସମାଜରେ ଧ୍ୟାନ କରୁଥିବାର ଦେଖିଥିଲେ ଏବଂ ମନ୍ତବ୍ୟ ଦେଇଥିଲେ ଯେ ସମସ୍ତ ଧ୍ୟାନ କରୁଥିବା ଭକ୍ତମାନଙ୍କ ଅପେକ୍ଷା କେଶବଙ୍କର ଧ୍ୟାନ ସଫଳ ଥିଲା ।

ଏକଦା ସନ୍ଧ୍ୟାବେଳେ ଶ୍ରୀ ରାମକୃଷ୍ଣ ହୃଦୟଙ୍କୁ ସାଙ୍ଗରେ ନେଇ କେଶବଙ୍କୁ ଦେଖିବାଲାଗି ଯାଇଥିଲେ । ସେତେବେଳେ ସେ ନିଜର ଅନୁଗାମୀମାନଙ୍କ ସହିତ ଦକ୍ଷିଣେଶ୍ୱର ନିକଟସ୍ଥ ଏକ ସ୍ଥାନରେ ନିବାସ କରୁଥିଲେ । ସେଠାରେ ପହଞ୍ଚିବା ଉତ୍ତାରୁ, ପ୍ରଥମେ କେଶବ ଓ ଅନ୍ୟ ଭକ୍ତମାନେ ଶ୍ରୀ ରାମକୃଷ୍ଣଙ୍କ ଠାରେ ସେପରି କିଛି ବିଶେଷ ମହତ୍ତ୍ୱ ଓ ବିଶେଷତା ପରିଲକ୍ଷିତ କରିପାରି ନଥିଲେ । କିନ୍ତୁ ସେମାନଙ୍କର ହେୟଜ୍ଞାନ ସତ୍ତ୍ୱେ ଶ୍ରୀ ରାମକୃଷ୍ଣ କେଶବଙ୍କୁ ପଚାରିଲେ - ମୁଁ ଶୁଣିଛି ଯେ ତୁମେମାନେ ଈଶ୍ୱରଙ୍କୁ ଦେଖିଛ ? ସେଥିପାଇଁ ମୁଁ ଏଠାକୁ ଈଶ୍ୱରଙ୍କ ବିଷୟରେ ଶୁଣିବା ପାଇଁ ଆସିଛି । ତତପଶ୍ଚାତେ, ବାର୍ତ୍ତାଳାପ ମଧ୍ୟରେ ସେ କେଶବ ଏବଂ ତାଙ୍କର ଅନୁଗାମୀଙ୍କୁ ମନ୍ତ୍ରମୁଗ୍ଧ କରିଦେଲେ । ଶ୍ରୀ ରାମକୃଷ୍ଣ ସେଠାରେ ପୂର୍ବବତ୍ ନିଜର ସ୍ୱାଭାବିକ ତନ୍ମୟତା ଭାବରେ ମା' କାଳୀଙ୍କର ଏକ ଭଜନ ଗାନ କଲେ ଏବଂ ଭଜନ ଗାନ କରୁକରୁ ସେ ସମାଧିରେ ମଗ୍ନ ହେଇଗଲେ । ସମାଧିରୁ ତାଙ୍କୁ ଫେରାଇ ଆଣିବା ପାଇଁ ହୃଦୟ ତାଙ୍କ କାନରେ 'ଓଁକାର' ଉଚ୍ଚାରଣ କଲେ ଏବଂ ସେ ଧୀରେ ଧୀରେ ନିଜର ଚେତନା-ଭୂମିକୁ ଫେରି ଆସିଲେ । ଶ୍ରୀ ରାମକୃଷ୍ଣଙ୍କର ମୁଖମଣ୍ଡଳ ସେ ସମୟରେ ଏକ ସ୍ୱର୍ଗୀୟ ଆଭାରେ ପ୍ରଦୀପ୍ତ ହୋଇ ଉଠୁଥିଲା । ତତପଶ୍ଚାତେ ତାଙ୍କ ମୁଖରୁ ପ୍ରେରଣାଭରା ଶବ୍ଦ ନିଃସୃତ ହେବାକୁ ଲାଗିଲା ଯାହା ଶ୍ରୋତାମାନଙ୍କ ହୃଦୟକୁ ସହଜରେ ସିଧା ପ୍ରବେଶ କରିବାକୁ ଲାଗିଲା । ସେ କହିଲେ - 'ଈଶ୍ୱର ଏକ ଏବଂ ଅନନ୍ତ ଅଟନ୍ତି କିନ୍ତୁ ତାଙ୍କର ଅଭିବ୍ୟକ୍ତି ଅସଂଖ୍ୟ ଅଟେ ।' ଏବଂ ନିଜର କଥାକୁ ନିମ୍ନଲିଖିତ ଦୃଷ୍ଟାନ୍ତ ଦ୍ୱାରା ବୁଝେଇବାକୁ ଲାଗିଲେ । (କ୍ରମଶଃ)

**ଫୋନ୍-୯୯୩୭୨୯୭୦୩୯**

# ସେବା ମୂର୍ତ୍ତି ସ୍ୱାମୀ ଶିବାନନ୍ଦ

**ହେମନ୍ତ କୁମାର ପରିଡ଼ା**

ସାଧୁସନ୍ଥମାନେ ଆମ ସଂସ୍କୃତିର ପ୍ରତ୍ୟକ୍ଷ ପରିଚାୟକ ଓ ମାନବ ଜାତିର ମାର୍ଗ ଦର୍ଶକ । ଜୀବନର ପରିପୂର୍ଣ୍ଣତା ପଥେ ସେମାନଙ୍କ ଆଚରଣ ଓ ଉଚ୍ଚାରଣ ଜନିତ ଆଦର୍ଶବୋଧ ହେଉଛି ସଫଳତାର ଆଧାରଶୀଳା । ଗଙ୍ଗୋତ୍ରୀର ଗଙ୍ଗାଜଳ ଦୀର୍ଘ ପଥ ଅତିକ୍ରମ ପରେ ମଧ୍ୟ ଗଙ୍ଗାସାଗର ଠାରେ ସେହି ଗଙ୍ଗାଜଳ ଭାବେ ଉପଲବ୍ଧ । ସେହିଭଳି ସତ୍ୟଦ୍ରଷ୍ଟା ମୁନିଋଷି ମାନଙ୍କର ଉପଲବ୍ଧ ଜ୍ଞାନ ପରମ୍ପରାକ୍ରମେ ସାଧୁସନ୍ଥ ମାନଙ୍କ ମାଧ୍ୟମରେ ଏବେ ବି ଆମ୍ଭ ମାନଙ୍କୁ ଉପଲବ୍ଧ ସେହିଭଳି ଏ ଯୁଗର ଜଣେ ମହାନ ଅନୁଭବ ସନ୍ଥ ହେଉଛନ୍ତି ଯୁଗ ପୁରୁଷ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜ ।

ଆଧ୍ୟାତ୍ମ ଆକାଶର ଜଣେ ଉଜ୍ଜ୍ୱଳତମ ନକ୍ଷତ୍ର ହେଉଛନ୍ତି ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀ । ଭାରତୀୟ ସଂସ୍କୃତି ଓ ଦର୍ଶନ ମାଧ୍ୟମରେ ଆଧ୍ୟାତ୍ମିକତାର ପ୍ରଚାର ପ୍ରସାର ପାଇଁ ସେ ତନମନ ଢ଼ାଳି ଦେଇଥିଲେ । ସେ ଯୋଗ ଏବଂ ବେଦାନ୍ତ ଦର୍ଶନର ଜଣେ ପ୍ରମୁଖ ପ୍ରବକ୍ତା । ଋଷିକେଶର ଗଙ୍ଗାକୂଳସ୍ଥ ଆନନ୍ଦ କୁଟୀର ତାଙ୍କର ସାଧନ ପୀଠ । ସେହି ସାଧନ ପୀଠ ଛାଡ଼ି ସେ ଅନ୍ୟତ୍ର କୁଆଡ଼େ ଯାଇନଥିଲେ । ହେଲେ ଆପଣା ସତ ସଂକଳ୍ପ, ନିଷ୍ପାପର ଉଦ୍ୟମ ଓ କଠୋର ତପସ୍ୟା ଦ୍ୱାରା ସେ ବିଶ୍ୱର କୋଣେ କୋଣେ ପହଞ୍ଚି ପାରିଥିଲେ । ଆଧ୍ୟାତ୍ମିକ ସାଧନା, ସେବା ଓ ସତସଙ୍ଗର ତ୍ରିଧାରା ସଙ୍ଗମରେ ସେ ତାଙ୍କ ଜୀବନକୁ ଏକ ତୀର୍ଥକ୍ଷେତ୍ରରେ ପରିଣତ କରିଦେଇଥିଲେ । ବିଶ୍ୱର ସମସ୍ତ ଧର୍ମ ଏବଂ ସକଳ ଧର୍ମ ଶାସ୍ତ୍ରର ଜ୍ଞାନ ସାଗର ମନ୍ଥନ କରି ସେ ଯେଉଁ ଅମୃତ ପ୍ରାପ୍ତି କରିଥିଲେ ତାର ସାରାଂଶକୁ ମାତ୍ର ଛଅ ଗୋଟି ଶବ୍ଦରେ ପ୍ରକାଶ କରିଥିଲେ । ସେଗୁଡ଼ିକ ହେଲା - ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ସାକ୍ଷାତକାର । ଏହି ଅମୃତମୟ ଅନୁଭବକୁ ସେ ଆପଣା ଜୀବନରେ ପ୍ରୟୋଗ କରି ନିଜେ ଅମୃତମୟ ହେବା ସହିତ ସମସ୍ତଙ୍କ ପାଇଁ ଅମୃତମୟ ଦିବ୍ୟଜୀବନର ମାର୍ଗ ପ୍ରଦର୍ଶନ କରିଥିଲେ । ଏହି ସମସ୍ତ ସାଧନାକୁ ଆହୁରି ସଂକ୍ଷିପ୍ତ କରି ସେ ମାତ୍ର ଦୁଇଟି ବାକ୍ୟ ଉପରେ ପ୍ରାଧାନ୍ୟ ଦେଉଥିଲେ । ଭଲ ହୁଅ, ଭଲ କର । ଏହା ହିଁ ସମସ୍ତ ସାଧନା ଓ ସଫଳତାର ମୂଳ ଅଟେ । ମାନବ ନିର୍ମାଣ ଓ ଦିବ୍ୟ ଜୀବନର ପ୍ରତିଷ୍ଠା ପାଇଁ ସେ ୧୯୩୬ ମସିହାରେ ଆରମ୍ଭ କରିଥିଲେ ଦିବ୍ୟ ଜୀବନ ସଂଘ । ଏହା ଏବେ ବିଶ୍ୱବ୍ୟାପୀ ଏକ ବିଶାଳ ଅନୁଷ୍ଠାନ ।

ଜୀବନରେ ଲାଭ କରିଥିବା ସମସ୍ତ ସଫଳତା ଓ ପାର୍ଥିବ ପ୍ରତିଷ୍ଠା ଅଧିକ ଦିନ ତାଙ୍କୁ ଆକୃଷ୍ଟ କରି ରଖିପାରିଲା ନାହିଁ । ଜୀବନର ରହସ୍ୟ ଖୋଜି ଖୋଜି ପରମ ରହସ୍ୟମୟ ପରମାତ୍ମାଙ୍କର ସନ୍ଧାନରେ ଅନ୍ତର୍ମୁଖୀ ହୋଇ ଉଠିଲେ । ମାଳୟ ଛାଡ଼ି ହିମାଳୟ ଚାଲି ଆସିଲେ । ସେହିଠାରେ ପରମହଂସ ବିଶ୍ୱାନନ୍ଦଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତ ହୋଇ ୧୯୨୪ ମସିହା ଜୁନ ମାସ ୨୪ ତାରିଖ ଦିନ ସ୍ୱାମୀ ଶିବାନନ୍ଦ ଭାବେ ପରିଚିତ ହେଲେ । ସେ କହୁଥିଲେ ଆତ୍ମ ସାକ୍ଷାତକାର ଜୀବନର ପରମ ଲକ୍ଷ୍ୟ । ସେବା, ପ୍ରେମ, ଦାନ ଓ ଧ୍ୟାନ ଦ୍ୱାରା ଆତ୍ମ ସାକ୍ଷାତକାର ପଥ ସୁଗମ ହୋଇଥାଏ । ସେବା ଓ ଦେବାକୁ ସେ ଜୀବନର ବ୍ରତ ଭାବେ ବାଛି ନେଇଥିଲେ । ଏକଦା ଜଙ୍ଗଲ ମଧ୍ୟରେ ଅବସ୍ଥିତ ଶିବାନନ୍ଦ ଆଶ୍ରମ ସେବା କ୍ଷେତ୍ରରେ ସାରା ବିଶ୍ୱପାଇଁ ପ୍ରେରଣାର ଉତ୍ସ ଥିଲା । ବିଶ୍ୱର ବହୁ ବିଶିଷ୍ଟ ସାଧୁସନ୍ଥ, ମହାନ ଜନନାୟକମାନେ ସେଠାକୁ ଆସିଛନ୍ତି । ଅନେକ ବିଶିଷ୍ଟ ବ୍ୟକ୍ତି ସେହି ମାଟିରୁ ମଣିଷ ହୋଇ ବିଶ୍ୱ ପାଇଁ ଆଲୋକ ବର୍ତ୍ତିକା ହୋଇଛନ୍ତି ।

ଥରେ ଭାରତର ପ୍ରଥମ ମହାମହିମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଶିବାନନ୍ଦଙ୍କ ଦର୍ଶନରେ ଆସିଥିଲେ । ଆଶ୍ରମରୁ ପ୍ରତ୍ୟାବର୍ତ୍ତନ ବେଳେ ସ୍ୱାମୀ ଶିବାନନ୍ଦ ତାଙ୍କୁ ଏକ ଫଟୋ ପୁସ୍ତିକା ଉପହାର ଦେଲେ । ଯେଉଁଥିରେ ରାଷ୍ଟ୍ରପତିଙ୍କ ଆଶ୍ରମ ରହଣି ସମୟର ଫଟୋଚିତ୍ର ସ୍ଥାନିତ ହୋଇଥିଲା । ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଏହି ଜଙ୍ଗଲ ଭିତର ଆଜି ମୋର ସମସ୍ତ କାର୍ଯ୍ୟକ୍ରମର ଫଟୋଚିତ୍ର କିଭଳି ସମ୍ଭବ ହେଲା ? ସ୍ୱାମୀଜୀ କହିଲେ ଆଶ୍ରମର ଅନ୍ତେବାସୀ ସନ୍ନ୍ୟାସୀମାନେ ଏହା ଏହି ଠାରେ ପ୍ରସ୍ତୁତ କରିଛନ୍ତି । ରାଜେନ୍ଦ୍ରପ୍ରସାଦ କହିଲେ ମୁଁ ଭାରତର ରାଷ୍ଟ୍ରପତି । ମୁଁ ଚାହିଁଥିଲେ ମଧ୍ୟ ଏତକ ସ୍ୱଳ୍ପ ସମୟ ଭିତରେ ଏପରି ଆଲବମଟିଏ କରି ଦେଇପାରିନଥାନ୍ତି । ଶିବାନନ୍ଦ ଥିଲେ ଅଦ୍ଭୁତ ଶକ୍ତି ସମ୍ପନ୍ନ ମହାପୁରୁଷ । ସମସ୍ତ ଧର୍ମଶାସ୍ତ୍ରର ସାର ମର୍ମକୁ ନେଇ ସେ ପ୍ରାୟ ୩୦୦ ରୁ ଊର୍ଦ୍ଧ୍ୱ ଉପାଦେୟ ପୁସ୍ତକ ଇଂରାଜୀ ଭାଷାରେ ରଚନା କରିଛନ୍ତି । ଏଗୁଡ଼ିକ ପ୍ରାୟତଃ ବିଶ୍ୱର ସବୁ ପ୍ରମୁଖ ଭାଷାରେ ଅନୁଦିତ ଓ ଆଦୃତ । ପୁସ୍ତକ ଗୁଡ଼ିକ ପ୍ରେରଣାପ୍ରଦ, ସୁଖପାଠ୍ୟ ଓ ଜୀବନ ନିର୍ମାଣକାରୀ ମାର୍ଗ ଦର୍ଶିକା ଭାବେ ପରିଚିତ । ଅନେକ ବିଶ୍ୱ ବିଦ୍ୟାଳୟରେ ତାଙ୍କର ପୁସ୍ତକ ମଧ୍ୟରୁ କେତେ ପାଠ୍ୟ ପୁସ୍ତକ ଭାବେ ଗ୍ରହଣ କରାଯାଇଛି ।

**ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି, ସେକ୍ଟର-୧୦, ସିଡିଏ,
କଟକ, ଦୂରଭାଷ : ୮୭୬୩୧୦୭୧୨୬**

■ ମୁଖ୍ୟ ପ୍ରସଙ୍ଗ

# ଅଫେରା ଅପେରା



ରଙ୍ଗଶାଳାର ରାତି ମୋହାଚ୍ଛନ୍ନ କରେ, ମତୁଆଲା କରେ। ଗାଳି ଓ ତାଳିରେ କମ୍ପେ ଗ୍ୟାଲେରୀ। ହସକାନ୍ଦର ଜୁଆରରେ ଭାବପ୍ରବଣ ହୋଇଯାଏ ରାତି। ଜୀବନ ନାଟକୀୟ ମୋଡ଼ରେ ଛିଡ଼ା ହୋଇ ଅନ୍ତର୍ଦ୍ୱନ୍ଦ୍ୱରେ ଖୋଜେ ପରିଚୟ। ସମସ୍ତଙ୍କ ଜୀବନ ଠିକ ରଙ୍ଗଶାଳା ପରି ହୋଇଥିଲେ ବି ରଙ୍ଗଶାଳାର ନମୁନା ଦେଖିବାକୁ ଟିକେଟ କିଣିବାକୁ ପଡ଼େ ବ୍ଲାକ୍‌ରେ। ସ୍ନୋ, ପାଉଡ଼ର, ମେକ୍‌ଅପ୍‌ରେ ଅଭିନୟର ଚରିତ୍ର ଗୁଡ଼ାକ କର୍ତ୍ତବ୍ୟବୋଧରେ ବାନ୍ଧି ହେଲା ପରେ ଲାଗେ, ଭୁଲିଯାଇଥିବା ଦାୟିତ୍ୱକୁ କିଏ ଯେମିତି ମନେ ପକାଇଦେଉଛି। ଓଡ଼ିଶାରେ ଯାତ୍ରାର ପରମ୍ପରା ଆଜି କିଛି ନୂଆ ନୁହେଁ। ହଜାର ହଜାର ଲୋକ ରାତି ଅନିଦ୍ରା ହୋଇ ଟିକେଟ କାଟି ନାଟକ ଉପଭୋଗ କରିବା ଘଟଣା ବୋଧେ ପୃଥିବୀରେ ବିରଳ। ଓଡ଼ିଶାର ମନୋରଞ୍ଜନର ମୁଖ୍ୟ ମାଧ୍ୟମ ଯାତ୍ରା ଯେ ସମସ୍ତଙ୍କ ହୃଦୟକୁ ଛୁଇଁ ପାରିଛି, ଏହାର ଦ୍ୱିମତ କିଛି ନାହିଁ। ନାଟକ କେବଳ ସାମାଜିକ ଘଟଣାକୁ ନେଇ ସଚେତନ କରାଏ ନାହିଁ ବରଂ ମନୋରଞ୍ଜନକୁ ବଡ଼ ଖୋରାକ ଯୋଗାଏ। ଓଡ଼ିଶାରେ ସିନେମାର ଲୋକପ୍ରିୟତା ହ୍ରାସ ପାଉଥିବା ବେଳେ ଯାତ୍ରା ସମସ୍ତଙ୍କର ପ୍ରିୟ ହୋଇପାରିଛି। ହେଲେ ଏହି ଯାତ୍ରାରେ କିଛିଟା ବ୍ୟତିକ୍ରମ ବି ଦେଖିବାକୁ ମିଳିଛି। ଯାତ୍ରାର ଜଲୱାକୁ ନେଇ ନିତିଦିନର ସତନ୍ତ୍ର ପ୍ରତିବେଦନ।

## ପ୍ରଥା ଓ ପରମ୍ପରା-

ଜଗନ୍ନାଥ ପାଣି ଓ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟର ମଞ୍ଚ ରୂପାନ୍ତରରୁ ଏହି ମୁକ୍ତ ମଞ୍ଚନାଟକ ବା ଯାତ୍ରାର ପରମ୍ପରା ବେଶ୍ ଆଦର ଲାଭ କଲା। ତା' ଆଗରୁ ସୁଆଙ୍ଗ, ମୋଗଲ ତାମସା ଆଦିର ପ୍ରଥା ଚାଲିଥିଲା। ବେଙ୍ଗଲରୁ ଯାତ୍ରାର ଆରମ୍ଭ ଅପେରା ସଂସ୍କୃତି ଉଦ୍ଭୃତ ବୋଲି ଯେତେ କହିଲେ ବି ତାହା ସ୍ୱୀକାର୍ଯ୍ୟ ନୁହେଁ। କାରଣ ଓଡ଼ିଆ ଓ ବେଙ୍ଗଲୀ ଯାତ୍ରା ଭିତରେ ରହିଛି ଅନେକ ଢ଼ାଞ୍ଚାଗତ ପ୍ରଭେଦ। ଯଦିଓ ଯେକୌଣସି ପଡ଼ୋଶୀ ସଂସ୍କୃତି ପରସ୍ପରକୁ ପ୍ରଭାବିତ କରେ। ସେମିତି ଦେଖିବାକୁ ହେଲେ ଓଡ଼ିଆ ଯାତ୍ରାର ପ୍ରଭାବ ଯେ ବେଙ୍ଗଲ ଉପରେ ନପଡ଼ିଛି କିଏ ନକହିବ ? ଗୋପାଲ ଦାସ ଉଡ଼େ କହିଲେ ଯାଜପୁରର ଗୋପାଳ ଦାସଙ୍କୁ ହିଁ ବୁଝାଏ; ଯେକି ବେଙ୍ଗଲ ଯାତ୍ରାର ଏକ ସ୍ୱର୍ଦ୍ଧିତ ନାମ। ହଁ, ପ୍ରଥମେ ଯଦିଓ






କିଛି ବେଙ୍ଗଲ ନାଟକର ପ୍ରଭାବ ଅବଶ୍ୟ ପଡ଼ିଥିଲା। ଲେଖକ ଓ ନିର୍ଦ୍ଦେଶକମାନେ ତାହା ଓଡ଼ିଶାରେ ପ୍ରୟୋଗ କରୁଥିଲେ। ଏହି ସାଂସ୍କୃତିକ ବିନିମୟ ମଧ୍ୟରେ ଅନେକ ପ୍ରଭେଦ ରହିଥିଲା ଦୁଇ ପଡ଼ୋଶୀ ପ୍ରଦେଶର ମୁକ୍ତ ରଙ୍ଗମଞ୍ଚ ନାଟକରେ।

ବଙ୍ଗଳାର ଦର୍ଶକ ଅଳ୍ପ ସମୟ ଅବଧିର ଯାତ୍ରା ଦେଖନ୍ତି ହେଲେ ଓଡ଼ିଶାର ଦର୍ଶକ ସାରାରାତି ନାଟକ ଦେଖିବାର ଗୋଟେ ପ୍ରଥା ରହିଛି। ଓଡ଼ିଆ ନାଟକର ଯାଦୁ ଏପରି ଯେ, ଏଠାରେ ଦର୍ଶକ ପକେଟରୁ ପଇସା ସାରି, ସାରାରାତି ଅନିଦ୍ରା ହୋଇ ଯାତ୍ରା ଦେଖେ ପୁଣି ଆଖିରୁ ଲୁହ ଗଡ଼ାଇ ଘରକୁ ଫେରେ। ଏଠି ସାଧାରଣ ମଣିଷର କଥାକୁହେ ଅପେରା, କିନ୍ତୁ ବଙ୍ଗଳା ନାଟକରେ ବେଶି ସାହିତ୍ୟ ଓ ନାଟକୀୟତାର ପ୍ରଭାବ ଥାଏ। ଅତୀତରେ ଗ୍ରାମ୍ୟଜୀବନର ଏକମାତ୍ର ମନୋରଞ୍ଜନର ମାଧ୍ୟମ ଭାବେ ଯାତ୍ରାକୁ ଦେଖାଯାଉଥିଲା। ଯଦିଓ ତା' ସହିତ ପାଲା, ଦାସକାଠିଆ ଆଦିର ପ୍ରଚଳନ ଥିଲା। ହେଲେ ଯାତ୍ରା ବା ଅପେରା ସଂସ୍କୃତି ବୋଇଲେ ମହାଉତ୍ସବ ବୋଲି ବୁଝାଯାଏ, ଯାହା ଏଯାବତ ପ୍ରଚଳିତ।

## ଆଧୁନିକ ଯାତ୍ରାର ଯାତ୍ରା-

ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ପଲ୍ଲୀକବି କୃଷ୍ଣପ୍ରସାଦ ବେହେରା, ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର ଆଦି ଆଧୁନିକ ଯାତ୍ରାର ବିନ୍ଧାଣି ବୋଲି କୁହାଯାଏ। ସେତେବେଳେ ଛୋଟ ଛୋଟ ଦଳ କରି ବିଭିନ୍ନ ପର୍ବପର୍ବାଣିରେ ବଇନା ଦେଇ ନାଟକ କରିବାର ପରମ୍ପରାରୁ ଯାତ୍ରା ଆରମ୍ଭ ହୋଇଥିଲା। ନୀଳଚକ୍ର, ସାରୋ, ସପ୍ତମାତୃକା, ଇଚ୍ଛାପୁର ଆଦି ପାର୍ଟିମାନେ ପ୍ରାୟତଃ ଉପକୂଳ ଓଡ଼ିଶାରେ ଅପେରା ମଞ୍ଚସ୍ଥ କରୁଥିଲେ। ସେତେବେଳେ ଯାତ୍ରାକୁ ନାରୀଙ୍କର ଆଗମନ ନଥିବାରୁ ପୁରୁଷମାନେ ସେହି ଭୂମିକା ତୁଲାଉଥିଲେ। ସେତେବେଳେ ଗୋଟିଏ ମଞ୍ଚରେ




ନାଟକ ଅଭିନୟ ହେଉଥିଲା ଓ ପେଣ୍ଡାଲର ଚାରିପାଖେ ଚାରୋଟି ପେଟ୍ରୋମାକ୍ସ ଲାଇଟ ହିଁ ସାହାରା ଥିଲା। କଳାକାରମାନେ ନିଜର ଉଚ୍ଚାଙ୍ଗ ସ୍ୱରକୁ ଦର୍ଶକଙ୍କୁ ଶୁଣାଇବାକୁ ସମର୍ଥ ହେଉଥିଲେ। ନାଟକ ଆରମ୍ଭରୁ ବାଦ୍ୟଯନ୍ତ୍ର ଦ୍ୱାରା ମାଙ୍ଗଳିକ ଧ୍ୱନି ତିନିପର୍ଯ୍ୟାୟରେ ବାଜିବା ପରେ ହିଁ ନାଟକ ଆରମ୍ଭ ହେଉଥିଲା। ନାଟକ ଭିତରେ ଯେଉଁ ନୃତ୍ୟର ବ୍ୟବସ୍ଥା କରାଯାଇଥାଏ, ସେ ନୃତ୍ୟ ହାସ୍ୟ ରସାତ୍ମକ ବା ସାମାଜିକ ଘଟଣାକୁ ନେଇ ହୋଇଥାଏ। ପରେ ପରେ ମଧ୍ୟ ନାଟକ ପ୍ରାରମ୍ଭରେ ଶାସ୍ତ୍ରୀୟ ନୃତ୍ୟ ବା ଲୋକନୃତ୍ୟର ବ୍ୟବସ୍ଥା କରାଗଲା। ପୁରାଣର କଥାବସ୍ତୁକୁ ନେଇ ନୃତ୍ୟ ହିଁ ପରିବେଷଣ କରାଯାଉଥିଲା। ଏମିତିରେ ବି ସେତେବେଳେ ଐତିହାସିକ, କାଳ୍ପନିକ, ପୌରାଣିକ ନାଟକ ପରିବେଷଣ କରାଯାଉଥିଲା। ପରେ ସାମାଜିକ ନାଟକର ପ୍ରଥା ଆରମ୍ଭ ହେଲା। ପରେ ପରେ ନଗଶପୁର, ଇଚ୍ଛାପୁର, ବେଣୀରାମପୁର ନାଟକ ସଂସ୍ଥାଗୁଡ଼ିକ ଆଲୋକ ଓ ଶବ୍ଦର ମିଶ୍ରଣ କରି ଏକ ନୂଆ ପରମ୍ପରା ସୃଷ୍ଟି କଲେ। ଏହି ପରମ୍ପରା ସହିତ ଓଡ଼ିଶା ଅପେରା, ଝିଲମିଲ ଅପେରା, ଉତ୍ତରକୂଳ, ତାରାପୁର ଅପେରା ଆଦି ସାମିଲ ହେଲେ।

## ନୂଆ ଅପେରା ନୂଆ ରଙ୍ଗ-

ଆଧୁନିକ ଅପେରାର ରଙ୍ଗମଞ୍ଚ ଏବଂ ନୂଆ ପାର୍ଟିମାନେ ମୁଣ୍ଡ ଟେକିଲେ। ପାର୍ବତୀ, ତୁଳସୀ, ଶିବାନୀ, ରାଜଶ୍ରୀ, ଜଗଦ୍ଧାତ୍ରୀ, ବାଘାଯତୀନ, ଧଉଳି, କୋଣାର୍କ ଆଦି ଅପେରାମାନେ ଯାତ୍ରାର ଯାତ୍ରାରେ ସାମିଲ ହେଲେ। ଗୋଟିଏ ମଞ୍ଚରୁ ଦୁଇଟି, ଦୁଇଟିରୁ ତିନୋଟି ମଞ୍ଚର ପରିକଳ୍ପନା କରାଗଲା। ଆକର୍ଷଣୀୟ ମୁଖଶାଳା ସ୍ୱରୂପ ତୋରଣ ଏବଂ ସାଜସଜ୍ଜାରେ ଚାରଚାନ୍ଦ୍ ଲାଗିଗଲା। ମେଲୋଡ଼ି ଓ ରେକର୍ଡ ଡ୍ୟାନ୍ସର ଜମାନା ଆସିଗଲା। ଦର୍ଶକମାନେ ନାଟକ ଭିତରକୁ ପଶିବା ପୂର୍ବରୁ ହାଲକା ଫୁଲକା ଆଙ୍କରିଂ ଭିତରେ ଗୀତ, ନାଚର ମଜା ନେଲେ। ଟିକେଟ ସୋ ଆରମ୍ଭ ହେଲା ଓ ଯାତ୍ରା ବି ବ୍ୟବସାୟିକ ସଫଳତା ସାଉଣ୍ଟିଲା। ନୂଆ କାହାଣୀ, ନୂଆ ନାଁରେ ନାଟକ ଲେଖାହେଲା। ସାମାଜିକ ଘଟଣାକୁ ନାଟକ ମାଧ୍ୟମରେ ସଚେତନ କରିବାକୁ ଯାତ୍ରା ଯେମିତି ମାଧ୍ୟମ ପାଲଟିଗଲା। ତଳେ ଜରିପାଲ ପକାଇ ବସିବା ବଦଳରେ ଚେୟାରରେ ବସି ରାତି ସାରା ନାଟକ ଉପଭୋଗ କରିବାକୁ ଦର୍ଶକ ବି ଉଚିତ୍ ମଣିଲେ। ଏମିତି ହେଲା ଶୀତତାପ ନିୟନ୍ତ୍ରିତ ବି ହୋଇଗଲା ଗ୍ୟାଲେରୀ। ଟିକେଟର ଦାମ ସିନେମା ଟିକେଟର ଦାମ୍ ଠାରୁ ଦଶଗୁଣା ହୋଇଗଲା। ଯାତ୍ରା ଓଡ଼ିଶା କାହିଁକି ସୁରଟ, ଦିଲ୍ଲୀ, ବମ୍ବେ, ଝାଡ଼ଖଣ୍ଡ ଆଦି ରାଜ୍ୟକୁ ବି ବ୍ୟାପିବାରେ ଲାଗିଲା। ସାତରଙ୍ଗ ଲାଗିଲା ରଙ୍ଗଶାଳାରେ। ଯେଉଁ କଳାକାର ଭୋକ ଉପାସରେ ଗୁହାଳ ଘରେ ରାତ୍ରୀଯାପନ କରି କଳାକୁ ବଞ୍ଚାଇବାକୁ ନାଟୁଆ ହୋଇଯାଇଥିଲେ, ସମସ୍ତଙ୍କର ପାରିଶ୍ରମିକ ବଢ଼ିଗଲା। ଯାତ୍ରା ହୋଇଗଲା ଏକ ଇଣ୍ଡଷ୍ଟ୍ରୀ। ନାଟ୍ୟକାର, ନିର୍ଦ୍ଦେଶକ, କଳାକାରଙ୍କଠାରୁ ପୁଣି ତମ୍ବୁ ଟାଣିବା ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ଭଲ ରୋଜଗାରକ୍ଷମ ହେଲେ।

**ନାଟକ ଓ ଟିକେଟ-**
ନାଟକ ପାଇଁ ଟିକେଟ କିଣିବାର ହେଲା କରିନାହିଁ ଓଡ଼ିଆ ଦର୍ଶକ। ନାଟକକୁ ନେଇ ବ୍ୟବସାୟ ଆରମ୍ଭ କରିଦେଲେ ମାଲିକମାନେ। ଆସ୍ତେ ଆସ୍ତେ ବ୍ୟୟବହୁଳ କରିଦେଲେ ଯାତ୍ରାକୁ। ନାଟକର କାହାଣୀକୁ ଗୁରୁତ୍ୱ କମ୍ ଦେଇ ମେଲୋଡିରେ ଥିବା ଡ୍ୟାନ୍ସକୁ ଅଧିକ ଗୁରୁତ୍ୱ ଦେଲେ। ଷ୍ଟିଲ ଫ୍ରେମର ମଞ୍ଚ ତିଆରି କରି ଟିକେଟର ଦାମକୁ ବଢ଼ାଇଦେଲେ। ଏମିତି ଏକ ସ୍ଥିତି ଉପୁଜିଲା ଯେ ଟିକେଟର ଦାମ ଦେଖି ଦର୍ଶକ ମୁହଁ ଫେରାଇବାକୁ ବାଧ୍ୟ ହେଲେ। ଛୋଟ ଛୋଟ ପାର୍ଟି ବି ବ୍ୟବସାୟିକ ସଫଳତା ପାଇ ନପାରି ବନ୍ଦ କରିଦେବାକୁ ବାଧ୍ୟ ହେଲେ। ଠିକ ଏହି ସମୟରେ ଟିଭିରେ ନାଟକ ମାଗଣାରେ ଦେଖିବାକୁ ପସନ୍ଦ କଲେ ଦର୍ଶକ, ଯାହାଦ୍ୱାରା ଯାତ୍ରାର ଆଦର କମି କମି ଯିବାର ଦୃଶ୍ୟ ପ୍ରତୀୟମାନ ହେଲାଣି।

## ନାଟକ ନୁହେଁ ଫାଟକ-

ନାଟକ ଅପେକ୍ଷା ଯାତ୍ରା ପାର୍ଟିମାନେ ଫାଟକ ତିଆରି କରିବାରେ ଲାଗିଛନ୍ତି। ପ୍ରତିଯୋଗୀ ମନୋଭାବ ନେଇ ବ୍ୟୟବହୁଳ ଭାବରେ ଷ୍ଟିଲ ଫ୍ରେମ୍‌ର ବଡ଼ ବଡ଼ ଫାଟକ













ସିନା ନିର୍ମାଣ କରୁଛନ୍ତି, ନାଟକକୁ ଗୁରୁତ୍ୱ ଦେଉନାହାନ୍ତି। ମନ୍ଦିରଠାରୁ ମୁଖଶାଳା ବଡ଼ ହୋଇଗଲା। ନାଟକ ସଦୃଶ ଦିଅଁ ହୋଇଗଲେ ଗୌଣ। ନାଟକକୁ ଗୁରୁତ୍ୱ ନଦେଇ ମଲୋଡ଼ିରେ ଦର୍ଶକଙ୍କୁ ବାନ୍ଧି ରଖିବାର ପ୍ରୟାସ କରାଗଲା। ଖୋଲାମେଲା ହୋଇଗଲା ସଂସ୍କୃତିର ସରହଦ। ଅପସଂସ୍କୃତି ଓ ନଗ୍ନତାର ଆଶ୍ରୟରେ ଦେବତ୍ୱରୁ ଦୈତ୍ୟକୁ ଡ଼େଇଁପଡୁଛି ଯାତ୍ରାର ପରମ୍ପରା।

# ଯାତ୍ରାକୁ ନେଇ କଣ ରହିଛି ମତ:

**ଯାତ୍ରା ନାଟକ ସାହିତ୍ୟ ସମ୍ପନ୍ନ ହେବା ଉଚିତ। ଯାହାକି ଯାତ୍ରା ସାହିତ୍ୟର ଗୁରୁତ୍ୱ ଏବଂ ସମ୍ମାନ ବହନ କରିବ। ଶସ୍ତା ଉପନ୍ୟାସର ଗପ ପରି ଯାତ୍ରା ନାଟକ ଯଦି ପ୍ରଦର୍ଶିତ ହୁଏ, ତାକୁ ଦେଖି ଲୋକ ଜମା ହୋଇଗଲେ, ସେ ଲୋକପ୍ରିୟ ନାଟକ ବୋଲି ଗଣାଯିବ ନାହିଁ। ଏମିତିରେ ପାଗଳର ପ୍ରଳାପ ଶୁଣିବାକୁ ଓ କାରନାମା ଦେଖିବାକୁ ବହୁଲୋକ ରାସ୍ତାଘାଟରେ ଜମାହୁଅନ୍ତି। ଯାତ୍ରା ନାଟକର ସୁଧାର ଆସିବା ଦରକାର।**

**-ବିଜୟ ଦାସ,** ନାଟ୍ୟକାର-ନିର୍ଦ୍ଦେଶକ, ସଭାପତି, ଅପେରା ମାଷ୍ଟର ଆସୋସିଏସନ୍

- ଯାତ୍ରା ଓଡ଼ିଶାରେ ମନୋରଞ୍ଜନର ଏକ ମୁଖ୍ୟ ମାଧ୍ୟମ। ଏହାଲୋକଙ୍କୁ ମନୋରଞ୍ଜନ ଯୋଗାଇବାରେ ଯେତିକି ସଫଳ ହୋଇପାରିଛି, ଅନ୍ୟ କୌଣସି ମାଧ୍ୟମ କରିପାରିନାହିଁ।
  **-ସୁଧାଂଶୁ ନାୟକ,** ନାଟ୍ୟକାର
- ବର୍ଷକର ୩୪୦ଦିନ ଆମେ ଓଡ଼ିଶାର କଳା-ସଂସ୍କୃତି-ପରମ୍ପରା ପାଇଁ କାର୍ଯ୍ୟ କରୁଥିବା ବେଳେ ଯାତ୍ରାକୁ ସରକାରୀ ଭାବରେ ସାହାଯ୍ୟ କରିବା ଓ ଇଣ୍ଡଷ୍ଟ୍ରୀର ମାନ୍ୟତା ଦେବା ନିହାତି ଆବଶ୍ୟକ।
  **-ଦୈତାରୀ ପଣ୍ଡା,** ଯାତ୍ରାଭିନେତା
- କଳାକାରଙ୍କ ଦରଦ ବୁଝିବାକୁ କେହି ନଥାନ୍ତି। ଯାତ୍ରାରେ ସାରାଜୀବନକୁ ସମର୍ପିଦେବା ବେଳେ କୌଣସି ସାହାରା ମିଳି ନପାରିବା ବଡ଼ ଦୁର୍ଭାଗ୍ୟଜନକ କଥା ।
  **-ଦୟାନିଧି ଉପାଧ୍ୟାୟ,** ହାସ୍ୟାଭିନେତା
- ଓଡ଼ିଶାର ବାରମାସର ତେରପର୍ବକୁ ଯଦି ଅଧିକ ରଙ୍ଗିନ କରୁଥାଏ, ତାହା ହେଲେ ଯାତ୍ରାର ଭୂମିକା ସର୍ବାଗ୍ରେ। ଯାତ୍ରା ମାଧ୍ୟମରେ ଓଡ଼ିଶାର ଅଧିକାଂଶ ଲୋକ ମନୋରଞ୍ଜନ କରିପାରୁଛନ୍ତି।
  **-ନଳିନୀ ସ୍ୱାଇଁ,** ଯାତ୍ରା ଅଭିନେତ୍ରୀ
- ଯାତ୍ରାର ସ୍ଥିତି ବର୍ତ୍ତମାନ ବଦଳିଗଲାଣି। ଯୁଗ ଅନୁସାରେ ତାଳ ଦେଇ ଯାତ୍ରା ଲୋକଙ୍କୁ ମନୋରଞ୍ଜନ ଯୋଗାଇ ଆସୁଛି। କୌଣସି ମେଳା ମହୋତ୍ସବରେ ଯାତ୍ରା ନପଡ଼ିଲେ, ମାହୋଲ ଜମେନାହିଁ।
  **-ପ୍ରଦୀପ ବେହେରା,** ନାଟ୍ୟକାର ଓ ନିର୍ଦ୍ଦେଶକ
- ଯାତ୍ରାକୁ ନେଇ ଲୋକଙ୍କ ମନୋଭାବ ଯାହା ଥିଲା ଆଉ ସେମିତି ନାହିଁ। ଯାତ୍ରାକୁ ସବୁଶ୍ରେଣୀର ଲୋକେ ଗ୍ରହଣ କରିବା ସହ ଦେଖିବାକୁ ପସନ୍ଦ କରୁଛନ୍ତି। ଯାତ୍ରାରେ ଦର୍ଶକଙ୍କ ସଂଖ୍ୟା କମିନାହିଁ ବର ବୃଦ୍ଧି ପାଇବାରେ ଲାଗିଛି।
  **-ସୁବାଷ ବେହେରା,** ଯାତ୍ରା ଅଭିନେତା
- ଯାତ୍ରାରେ ଅଶ୍ଳୀଳତା କଥା କହିଲେ ହେବ ନାହିଁ, ସବୁଠି ଚାଲୁଥିବା ଅଶ୍ଳୀଳତାକୁ ବ୍ୟାନ କରାଯିବା ଦରକାର। ଯାତ୍ରାକୁ ସରକାରୀ ସ୍ତରରେ ମାନ୍ୟତା ଦେବା କି ଇଣ୍ଡଷ୍ଟ୍ରୀ ବୋଲି ସ୍ୱୀକାର ନକରିବା ବେଳେ ବିଭିନ୍ନ ଅଙ୍କୁଶ ଲଗାଇବା ଠିକ୍ ନୁହେଁ।
  **-ପ୍ରତାପ ରାଉତ,** ଯାତ୍ରାଭିନେତା
- ଯାତ୍ରାରେ ନାଟକ ପ୍ରତି ଗୁରୁତ୍ୱ ଆଗଭଳି ଦିଆଯାଇପାରୁନାହିଁ। ଯାତ୍ରାରେ ନାଟକ ପରିବେଷଣ ପ୍ରତି ବେଶି ଗୁରୁତ୍ୱ ଦିଆଯିବା ଦରକାର।
  **-ଜିତା ରାଉତ,** ଅଭିନେତ୍ରୀ
- ଯାତ୍ରା ବର୍ତ୍ତମାନ ତାହାର ନିଜସ୍ୱତା ହରାଇ ବସିଛି। କାହାଣୀର ମୌଳିକତା ଆଉ ଆଗଭଳି ନାହିଁ। ମୋଟାମୋଟି ଯାତ୍ରା ସବୁଦିଗରୁ ଲୋକପ୍ରିୟତା ହରାଇ ବସିଛି।
  **-ମନୋଜ ପଟ୍ଟନାୟକ,** ନିର୍ଦ୍ଦେଶକ
- ଯାତ୍ରା ଯେମିତି ଥିଲା, ସେମିତି ରହିଛି, ରହିବ ମଧ୍ୟ। ସମୟ ସହିତ ଯାତ୍ରାର ତରିକା ବଦଳୁଛି। ଅତୀତ ଯାହା ଥିଲା ବର୍ତ୍ତମାନକୁ କିମ୍ବା ବର୍ତ୍ତମାନକୁ ନେଇ ଭବିଷ୍ୟତର କଳନା କରିହେବ ନାହିଁ।
  **-ବ୍ରଜ ପାଣି,** ହାସ୍ୟଭିନେତା
- ଯାତ୍ରା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଦ୍ୱାରା ଜନଜାଗରଣ, ସଚେତନତା ଓ ସମାଜ ସଂସ୍କାର ମଧ୍ୟ ହୋଇଥାଏ। ନାଟକଟିଏ ହିଁ ଜୀବନର ପ୍ରତିଫଳନ କରିଥାଏ।
  **-ବାପି ପଣ୍ଡା,** ଅଭିନେତା
- ଡ୍ୟାନ୍ସ ଉପରେ ଗୁରୁତ୍ୱଦେଇ ଯାତ୍ରାର ନାଟକକୁ ଅବହେଳା କରିବା କଥା ନୁହେଁ। ଭଲ କାହାଣୀ ରହିଲେ ଦର୍ଶକ ଯାତ୍ରା ସହିତ ବାନ୍ଧି ହୋଇ ରହିବେ। ଏକଥାକୁ ପ୍ରଯୋଜକ, ନାଟ୍ୟକାର, ନିର୍ଦ୍ଦେଶକମାନେ ଗୁରୁତ୍ୱ ଦେବା ଦରକାର।
  **-ରାଜଶ୍ରୀ ଶତପଥୀ**(ମାମା), ଅଭିନେତ୍ରୀ
- ସାଜସଜ୍ଜା ସହିତ ଡ୍ୟାନ୍ସକୁ ମାଲିକମାନେ ଗୁରୁତ୍ୱ ଦେବା ସହିତ ନାଟକକୁ ବି ଦିଅନ୍ତୁ। ଯାତ୍ରାକୁ ଲୋକପ୍ରିୟ କରିବାକୁ ହେଲେ ନାଟକର ଭୂମିକାକୁ ଗୌଣ କରା ନଯାଉ।
  **-ପିଙ୍କି ବିଶୋୟୀ,** ଅଭିନେତ୍ରୀ





### ନଗ୍ନ ନୃତ୍ୟର ଜଲୱା-

ଆସ୍ତେ ଆସ୍ତେ ମାଡ଼ି ଆସୁଛି ଅମାବାସ୍ୟା ପରି ରେକର୍ଡ଼ ଡ୍ୟାନ୍ସର ନଗ୍ନତା। ତୋଫାଜହ୍ନ ପରି ନାଟକ ହୋଇଯାଉଛି ଗ୍ରହଣ ଖଣ୍ଡିଆ। ନାବାଳକ ବା ନାବାଳିକାଙ୍କ ଯୌନତାର ବିଭିଷୀକା, ଅଙ୍ଗପ୍ରଦର୍ଶନ ବାଧ୍ୟ କରୁଛି ବାରଙ୍ଗନାଗଳିର ନାଲିବତୀ ଏରିଆକୁ ରୂପାନ୍ତରିତ ହେବାକୁ ରଙ୍ଗମଞ୍ଚକୁ। ପବିତ୍ର ମଞ୍ଚରେ ଦେଖାଯାଉଛି କଳାପାହାଡ଼ର ଆକ୍ରମଣ। ଭୟରେ ନାଟକ ସଦୃଶ ଦିଅଁ ଲୁଚିଯିବାକୁ ବାଧ୍ୟ ହେଉଛି। କେହି କେହି ଏହାକୁ ସାମାଜିକ ଅବକ୍ଷୟର ନମୁନା ବୋଲି କହୁଛନ୍ତି। କେବଳ ଯୁବକ କି କିଶୋରଙ୍କ ମନୋରଞ୍ଜନ ପାଇଁ ଏ ଯାତ୍ରା ସଂସ୍କୃତିର କଣ ସୃଷ୍ଟି ହୋଇଥିଲା ? ନଗ୍ନ ନୃତ୍ୟକୁ ନେଇ ଯାତ୍ରାରେ ଏବେ ପଡ଼ିଛି ଚହଳ। କିଏ କେତେ ପରିମାଣରେ ଅଶ୍ଳୀଳ ନାଚ ଦେଖାଇ ଟିକେଟ ବିକି ପାରିବ, ଚାଲିଛି ପ୍ରତିଯୋଗିତା। ଯାତ୍ରା ଯେମିତି ନଗ୍ନ ନୃତ୍ୟ ଉପରେ ଭରସା କରି ବ୍ୟବସାୟ କରିବାକୁ ଏକ ପ୍ରକାର ପ୍ରସ୍ତୁତ ହୋଇଯାଇଛି, ଯାତ୍ରାର ସ୍ଥିତିକୁ ଦେଖିଲେ ଜଣାପଡୁଛି।

### ଅତିରଞ୍ଜିତ ଅସାହିତ୍ୟ-

ନାଟକକୁ ରୋଚକ କରିବାକୁ ଯାଇ ଯେଉଁଭଳି ଭାବରେ କାହାଣୀ କରାଯାଉଛି, ତାହା ବି ଯାତ୍ରାର ଏକ ଖରାପ ଦିଗ। ଅନେକ କାହାଣୀରେ ଅପ୍ରାସଙ୍ଗିକ କଥାକୁ ଯୋଡ଼ି ସମାଜରେ ସଚେତନ ସୃଷ୍ଟି କରିବା ପରିବର୍ତ୍ତେ ଯେଉଁଭଳି ଭାବରେ



ସମାଜର କ୍ଷତିସାଧନ କରୁଛନ୍ତି, ତାହା ନିତ୍ୟାନ୍ତ ଭାବରେ ଦୁଃଖକର କଥା। ସମାଜ ସଂସ୍କାରର ମୁଖ୍ୟ ଭୂମିକା ନେବା ପାଇଁ ଯେଉଁ ନାଟକସବୁର ପରିକଳ୍ପନା କରାଯାଇଥିଲା, ଆଜି ତାହା ସମାଜର ଶତ୍ରୁଭଳି ସମସ୍ତଙ୍କ ଆଗରେ ଛିଡ଼ା ହୋଇଛି। ବାପ-ଝିଅ, ଭାଇ-ଭଉଣୀ ଭଳି ପବିତ୍ର ସମ୍ପର୍କକୁ ନେଇ ନାଟକ ରଚନା କରାଯାଇପାରେ କିନ୍ତୁ ଏହାର ମନ୍ଦଦିଗକୁ ନେଇ ନାଟକ ରଚନା କଲାବେଳେ ନାଟ୍ୟକାର ସମାଜକୁ କି ବାର୍ତ୍ତାଦେବାକୁ ଚାହୁଁଛନ୍ତି, ତାହା ବି ବୁଝାପଡୁନାହିଁ। ଯେଉଁ ନାଟକ ଗଢ଼ିବାର ପରମ୍ପରା ନେଇ ସୃଷ୍ଟି ହୋଇଥିଲା, ଆଜି ତାହା ଭାଙ୍ଗିବାର ଉପକ୍ରମ ହୋଇଯାଇଛି।

### ଇଣ୍ଡଷ୍ଟ୍ରୀର ମାନ୍ୟତା ମିଳୁନାହିଁ କାହିଁକି ?

ଯାତ୍ରା ଏକ ଶିଳ୍ପ ବୋଲି କୁହାଯାଉଥିଲେ ସୁଦ୍ଧା ଶିଳ୍ପର ମାନ୍ୟତା ମିଳୁନାହିଁ କାହିଁକି ? ଏହା ପଛରେ ଅନେକ ପ୍ରଭାବଶାଳୀ ମାଲିକମାନେ କରାଇ ନଦେବା, କଳାକାରମାନେ ବାରମ୍ବାର ସଂଘ କରୁଥିଲେ ସୁଦ୍ଧା ଚାକିରିରୁ ବାହାର କରିଦେବା ଭୟ ଦେଖାଇ ମନମାନିରେ ନାଟକ ସଂସ୍ଥାଗୁଡ଼ିକ ଚଳାଉଥିବା ଦେଖିବାକୁ ମିଳିଛି। ଯାତ୍ରା ଅନୁଷ୍ଠାନରେ କଳକାରଙ୍କ ଠାରୁ ଆରମ୍ଭ କରି ପୁଣି ଟେଣ୍ଟ ପିଲାଙ୍କ ପର୍ଯ୍ୟନ୍ତ ହଜାର ହଜାର ଲୋକ ବୃତ୍ତି କରୁଛନ୍ତି। ସେମାନେ ରାତି ରାତି ଅନିଦ୍ରା ହୋଇ ଲୋକଙ୍କୁ ମନୋରଞ୍ଜନ ଯୋଗାଇ ଆସୁଛନ୍ତି। ହେଲେ ସେମାନଙ୍କ ପାଇଁ ପାରିଶ୍ରମିକ ବ୍ୟତୀତ ଆଉ କିଛି ସୁବିଧା ନାହିଁ। କେହି ଯଦି ରୋଗରେ ପଡ଼ିଲା କି ଦୁର୍ଘଟଣାର ଶିକାର ହେଲା, ତା ହେଲେ କଥା ସରିଲା। ସାରାଜୀବନ କଳାପାଇଁ ସମର୍ପିତ ହୋଇ ବି ସୁଦ୍ଧା ନିଜକୁ ଅକାଳରେ ଝଡ଼ିପଡ଼ିବାକୁ ପଡ଼ିଥାଏ। ସେମାନଙ୍କ ପାଇଁ ଭବିଷ୍ୟ ନିଧି ପାଣ୍ଠି କି ସ୍ୱାସ୍ଥ୍ୟବୀମାର ସୁବିଧା ନଥିବା କାରଣରୁ ଯଦି କେହି ଦୁର୍ଘଟଣାରେ ଶିକାର ହୁଏ, ଅକାମୀ ହୋଇ ଘରେ ପଡି ରହେ, ସେମାନଙ୍କ କଥା ଶୁଣିବାକୁ କେହି ନଥାନ୍ତି। ତେଣୁ ବାରମ୍ବାର କଳାକାରଙ୍କ ତରଫରୁ ଯାତ୍ରା ସଂଘ ଗଠନ କରାଯାଇ ବିଭିନ୍ନ ଦାବୀ ଉପସ୍ଥାପନା କରାଯାଇଥିଲେ ସୁଦ୍ଧା ଆଜିଦିନ ଯାଏ କେହି ଶୁଣିନାହାନ୍ତି।

---

**ମନକୁ ଆସିଲା ଯାହା - ୫୬**

# ସୁଶାସନର ଅପେକ୍ଷାରେ... ! !



ସୌମ୍ୟଶ୍ରୀ ପାଣିଗ୍ରାହୀ

ଅନ୍ୟ ଅନେକ ଘଟଣା ପରି ମୁଁ ସେ ଘଟଣାକୁ ବି ଏଡାଇ ଯାଉଥିଲି, ହଠାତ ନଜର ପଡିଗଲା ଖବର ଭିତରର ଛପା ଅକ୍ଷର ଶବ୍ଦ କେଇଟା ଉପରେ, ବଡ଼ ବଡ଼ ହରଫରେ ଲେଖାହେଇଛି, 'ମାନବିକତା ହଜିଗଲା'। ଏଇଠି ମୁଁ ଅଟକିଗଲି। ପଢିବସିଲି ପୁରା ଘଟଣାକୁ । ସମ୍ବଲପୁରର ମୁଦୀପଡ଼ା ଅଞ୍ଚଳର ଏକ ବୃଦ୍ଧ ଦମ୍ପତ୍ତି, ବାବୁ ଲୋହାର ଆଉ ତାଙ୍କ ପତ୍ନୀ ଜ୍ୟୋତି, ଦୁର୍ଘଟଣାରେ ଆହତ ହୋଇ ଟାଙ୍ଗୀ ଡାକ୍ତରଖାନାରେ ଚିକିସିତ ହେଉଛନ୍ତି। ଏ ଘଟଣାରେ ନୂତନତ୍ୱ କଣ ଅଛି... ? ପ୍ରତିଦିନ ଅନେକ ସଡ଼କ ଦୁର୍ଘଟଣା ଘଟୁଛି। ସେଥିରେ ଆହତ ହେବା ଏକ ନିହାତି ମାମୁଲି ଘଟଣା। ମାତ୍ର ଏଥିରେ ମାନବିକତାର କଥା ଆସିଲା କେଉଁଠୁ... !

ଏଥର ଶୁଣନ୍ତୁ ପୁରା ଘଟଣାଟି। ସେହି ବୃଦ୍ଧ ଦମ୍ପତ୍ତି ଆସିଥିଲେ କଟକ ଚିକିସିତ ହେବା ପାଇଁ। ମାତ୍ର ହାତରେ ପଇସା ନଥିବାରୁ ପ୍ରାୟ ୩୦୦ କିମି ବାଟ ନିଜ ପକ୍ଷାଘାତଗ୍ରସ୍ତ ସ୍ତ୍ରୀଙ୍କୁ ଖୋଲା ଟ୍ରଲି ରିକ୍ସାରେ ଚଳେଇ ଆଣିଥିଲେ ସ୍ୱାମୀ ଜଣକ। ରେଢ଼ାଖୋଲର ଜଙ୍ଗଲ, ଅନୁଗୋଳର ତାତି ଓ ଧୂଆଁ, ପୁଣି ଢେଙ୍କାନାଳର ପଥୁରିଆ ରାସ୍ତାରେ, ବାଟଯାକ ପେଟ୍ରୋଲ ପମ୍ପରେ ରାତି ବିତେଇ, ୯ ଦିନରେ ପହଞ୍ଚିଥିଲେ କଟକରେ। ପଇସା କଉଡ଼ି ନଥିବାରୁ, ଜରି ଓ ପ୍ଲାଷ୍ଟିକ ବୋତଲ ଗୋଟେଇ ବଡମେଡିକାଲରେ ପ୍ରାୟ ୨ ମାସ ଚିକିସା କରିଥିଲେ, ନିଜ ସ୍ତ୍ରୀଙ୍କର। ଏବେ ଘରକୁ ଫେରୁଥିଲେ ପୁଣି ସେଇ ଟ୍ରଲି ରିକ୍ସାରେ। ବାଟରେ ପୁଣି ଏକ ଅଜଣା ଗାଡି ଧକ୍କାରେ ଆହତ ହୋଇ ଉଭୟ ସ୍ୱାମୀ-ସ୍ତ୍ରୀ ଭର୍ତ୍ତି ହୋଇଛନ୍ତି ଡାକ୍ତରଖାନାରେ, ଏଇଥି ପାଇଁ ଏତେ ଚର୍ଚ୍ଚା।

ମୋ ମନେପଡ଼ିଗଲା ଦାନ ମାଝୀର କଥା। ସେଇ ଘଟଣାକୁ ବେଶ କେତେ ବର୍ଷ ବିତିଗଲାଣି। ସେ ବି ନିଜ ସ୍ତ୍ରୀର ମଲାଦେହକୁ କାନ୍ଧରେ ବୋହିନେଇ ଯାଉଥିଲା। ଯେତେବେଳେ ତାଙ୍କ ସ୍ତ୍ରୀ ଦାମୀଙ୍କର ମୃତ୍ୟୁ ହେଲା ଭବାନୀପାଟଣାର ହାସପାତାଳରେ, ସେତେବେଳେ ଆମ୍ବୁଲାନ୍ସ କି ଅନ୍ୟ କୌଣସି ସରକାରୀ ଗାଡି ମିଳି ନଥିଲା ମରଶରୀରକୁ ଘରକୁ ଫେରେଇ ନେବାପାଇଁ। ଅନନ୍ୟୋପାୟ ହୋଇ ନିଜ ଝିଅସହ ସ୍ତ୍ରୀକୁ କାନ୍ଧରେ ବୋହି ରାଜରାସ୍ତାରେ ଚାଲିଥିଲା ଦାନ ମାଝୀ। ଗଣମାଧ୍ୟମର କ୍ୟାମେରାରେ ଦେଖାଗଲା ପରେ ଯାଇ ସଭିଙ୍କର ନଜର ପଡିଥିଲା ଏବଂ ତାପରେ ଛୁଟିଥିଲା ସାହାଯ୍ୟର ସୁଅ। ଏମିତି ଘଟଣାମାନ ମଝିରେ ମଝିରେ ଗଣମାଧ୍ୟମର ଶିରୋନାମା ପାଲଟେ ଏବଂ ଚର୍ଚ୍ଚା ହୁଏ ବେଶ୍ କେଇଦିନ। ତା'ପରେ ଭୁଲି ଯାଆନ୍ତି ସମସ୍ତେ ସେ ଘଟଣାକୁ। ଏବେବି ଖବରକାଗଜରେ ମଝିରେ ମଝିରେ ଖବର ବାହାରୁଛି। କେଉଁଠି ରାସ୍ତା ଅଭାବରୁ ଆମ୍ବୁଲାନ୍ସ ପହଞ୍ଚିପାରିଲାନି ତ' ଆଉ କେଉଁଠି ଖଟିଆରେ ବୁହାହୋଇ ଆସନପ୍ରସବା ନହେଲେ ରୋଗୀକୁ ନେବାକୁ ପଡୁଛି ନଈ କି ଜଙ୍ଗଲ ପାରି ହୋଇ... ! କେଉଁଠି ଆମ୍ବୁଲାନ୍ସରେ ତେଲ ସରିଗଲାଣି ଅଧାବାଟରେ ତ' ଆଉ କେଉଁଠି ଡାକ୍ତର କି ଆମ୍ବୁଲାନ୍ସ ଡ୍ରାଇଭର ମାଗିଲେଣି ଆଗୁଆ ପଇସା... ! ଏସବୁ ଘଟୁଛି କାହିଁକି... ?

ସରକାର ତ' ସବୁ ଜିଲ୍ଲା ଆଉ ବ୍ଲକର ମୁଖ୍ୟାଳୟରେରେ ବିରାଟ ବିଶ୍ୱସ୍ତରୀୟ ହାସପାତାଳମାନ ତିଆରି କରିଛନ୍ତି। ପୁଣି ଅଳ୍ପକେଇଟା ଗାଁ ବ୍ୟବଧାନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନ ବି ହେଇଛି। ଏସବୁ ବାଦ ବି ପ୍ରତିଟି ଗାଁକୁ ସବୁଦିନିଆ ରାସ୍ତା ତିଆରି ହୋଇଛି ବୋଲି ଘୋଷଣା ହେଇଛି। ପ୍ରତି ୨-୩ ମାସର ବ୍ୟବଧାନରେ ଶହଶହ ଆମ୍ବୁଲାନ୍ସ ବି ଲୋକାର୍ପିତ ହେଉଛି। ନୂଆନୂଆ ଡାକ୍ତର ବି ନିଯୁକ୍ତି ପାଉଛନ୍ତି ଦୁର୍ଗମ ଅଞ୍ଚଳରେ। ଏସବୁ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଯଦି ସତ୍ୟ ହୁଏ, ତାହେଲେ ଲୋକଙ୍କ ପାଖରେ ସଠିକ ସ୍ୱାସ୍ଥ୍ୟସେବା ପହଞ୍ଚୁନାହିଁ କାହିଁକି ? ଏତେସବୁ ସୁବିଧା ଯଦି ସରକାର କରିଛନ୍ତି ତେବେ ଲୋକେ ହଇରାଣ କାହିଁକି ହେଉଛନ୍ତି... ? ସରକାରଙ୍କ ସବୁ ପରିସଂଖ୍ୟାନ କଣ ମିଛ ? କାଗଜରେ ବାହାରୁଥିବା ଖବର ଓ ଘୋଷିତ ହେଉଥିବା ତଥ୍ୟ ସବୁ କଣ କେବଳ କାଗଜରେ ହିଁ ସୀମିତ ହୋଇରହିଯାଉଛି। ନାଁ, ଏହା ବି ସତ୍ୟ ହୋଇପାରେ ଯେ, ସରକାରୀ ବ୍ୟବସ୍ଥାର ନକାରାତ୍ମକ ଦିଗକୁ ଅତ୍ୟଧିକ ପ୍ରସାର କରାଇ ସରକାରଙ୍କୁ ବଦନାମ କରିବାର ଚକ୍ରାନ୍ତ ବି କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମର ଉଦ୍ଦେଶ୍ୟ ହୋଇପାରେ। ଅବଶ୍ୟ ଆଜିର ସମୟରେ, ଇଣ୍ଟରନେଟ ମାଧ୍ୟମରେ ସବୁ ଘଟଣାର ପକ୍ଷ ଓ ପ୍ରତିପକ୍ଷ ଲୋକଙ୍କ ନଜରକୁ ଆସିଯାଉଛି। କିଛି ବି ଲୁଚି ରହିପାରୁନି।

ଗତ ସପ୍ତାହର ଘଟଣାଟିକୁ ଧରିନିଆଯାଉ ଦିଲ୍ଲୀ ନିକଟସ୍ଥ ନୋଇଡାରେ ଏକ ମୁକୁଳା ଡ୍ରେନରେ ଗଳିପଡିଲେ ଜଣେ ୨୫ ବର୍ଷୀୟ ଯୁବକ। ଯୁବରାଜ ମେହଟ୍ଟା ନାମକ ଏହି ଯୁବକ ଘନ କୁହୁଡିରେ ରାସ୍ତା ଜାଣି ନପାରି ଏକ ମୋଡରେ ଭାରସାମ୍ୟ ହରାଇ ପଶିଗଲେ ଏକ ବିଶାଳ ଗର୍ତ୍ତ ଭିତରକୁ। ସ୍ଥାନୀୟ ଯୁବକ ମୋନିନ୍ଦର ସିଂ, ପ୍ରଥମେ କୁଦିପଡିଲେ ପାଣିକୁ। ମାତ୍ର ସେ ଅସଫଳ ହୋଇ ଫେରିଆସିଲେ। ସେତେବେଳକୁ ପୁଲିସ, ଦମକଳ ବାହିନୀ ଓ ବିପର୍ଯ୍ୟୟ ପ୍ରଶମନ ଦଳ ବି ପହଞ୍ଚି ସାରିଥିଲେ, ମାତ୍ର ପାଣି ଭିତରେ ଲୁହା ରଡ଼ମାନ ଥିବାରୁ କେହି ପାଣିରେ ପଶିବାକୁ ସାହସ କଲେ ନାହିଁ। ଏପଟେ ଯୁବରାଜଙ୍କ କାରରେ ପାଣି ପଶିଯିବାରୁ ସେ ବିକଳରେ ଆର୍ତ୍ତଚିତ୍କାର କରୁଥାନ୍ତି। ଫୋନ ପାଇ ତାଙ୍କ ପିତା ଆସି ଘଟଣାସ୍ଥଳରେ ପହଞ୍ଚି ସାରିଥାନ୍ତି। ସମସ୍ତେ ଯୁବରାଜଙ୍କ ମୋବାଇଲର ଟର୍ଚ୍ଚଲାଇଟକୁ ଦେଖିପାରୁଥାନ୍ତି ସତ, କିନ୍ତୁ କେହିବି ଆଗେଇ ନଆସିବାରୁ ଯୁବରାଜ ବୁଡିଗଲେ ଓ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କଲେ। ମୁଁ ତ କହିବି ଏହା ସମସ୍ତଙ୍କ ଆଖିସାମ୍ନାରେ ଏକ ଅସହାୟ ମୃତ୍ୟୁ... !! ସମସ୍ତେ ମୋବାଇଲରେ ଭିଡ଼ିଓ ରେକର୍ଡ କଲେ, ମାତ୍ର ମୃତ୍ୟୁର ଏହି ସିଧାପ୍ରସାରଣରେ କେହି ଜଣେ ବି ସାହସ କରି ଆଗେଇ ଆସିଲେନି।

ସେ ଜାଗାରେ ଭୟାନକ ମୋଡ ଅଛି ବୋଲି ପ୍ରଶାସନ ପକ୍ଷରୁ କିଛି ସୂଚନା ଲଗାଯାଇନଥିଲା। ପ୍ରାୟ ୧୨-୧୫ ଦିନ ତଳେ ସେଇ ସମାନ ସ୍ଥାନରେ ଏକ ଟ୍ରକ ଗଳିପଡିଥିଲା। ସେଥିରେ କେହି ମୃତାହତ ହୋଇନଥିଲେ ବି ଚାଳକକୁ ସାହାଯ୍ୟ କରିବା ପରିବର୍ତ୍ତେ ବ୍ୟାରିକେଡ ଭାଙ୍ଗିଥିବାର ଅଭିଯୋଗ ଆଣି ଜୋରିମାନା ଲଗାଯାଇଥିଲା। ସବୁଠୁଁ ଆଶ୍ଚର୍ଯ୍ୟ, ଏବେର ଯୁବରାଜ ମେହେଟ୍ଟା ଘଟଣାରେ ପ୍ରଥମେ ପାଣିକୁ ଡେଇଁଥିବା ମୋନିନ୍ଦର ସିଂଙ୍କର ପରସ୍ପର ବିରୋଧି ବୟାନ ସମସ୍ତଙ୍କୁ ଚକିତ କଲା। ପ୍ରଥମେ ସେ ଗଣମାଧ୍ୟମକୁ ବୟାନ ଦେଇଥିଲେ ଯେ ପୁଲିସ, ଦମକଳବାହିନୀ ସମସ୍ତେ ପହଞ୍ଚିଥିଲେ ବି କେବଳ ଦେଖଣାହାରୀ ସାଜିଥିଲେ। ମାତ୍ର ୨ ଦିନ ପରେ ସେ ପଲଟିଯାଇ ପୁନର୍ବାର ବୟାନ ଦେଲେ ଯେ, ପୁଲିସ ଓ ବିପର୍ଯ୍ୟୟ ପ୍ରଶମନ ଦଳ ମିଶି ଆପ୍ରାଣ ଚେଷ୍ଟା କରିଥିଲେ ମଧ ଯୁବରାଜଙ୍କୁ ବଞ୍ଚାଇପାରି ନଥିଲେ। ଏପରି ପରସ୍ପର ବିରୋଧି ବୟାନର କାରଣ କ'ଣ ହୋଇପାରେ। ଅଯଥା ମାନସିକ ଚାପ ଓ ନିଜ ଭବିଷ୍ୟତ ଦୁର୍ବିସହ ହେବାର ଭୟ କି... ?

ନିଜେ ମୋନିନ୍ଦର ଏହି ଘଟଣାର ୧୦ ଦିନ ପରେ ପୁଣି ମୁହଁ ଖୋଲିଛନ୍ତି ଓ ପୋଲିସ ତାଙ୍କୁ ଡାକି ପ୍ରାୟ ୪ ଘଣ୍ଟାକାଳ ଜେରାକରି ଧମକାଇଥିବାର ପ୍ରକାଶ କରିଛନ୍ତି। ଯଦି ସେ ବୟାନ ନବଦଳାନ୍ତି ତେବେ ତାଙ୍କୁ ହିଁ ପରେ ଅସୁବିଧା ହେବ ବୋଲି ଜାଣି ସେ ବୟାନରେ ସରକାରଙ୍କ ବ୍ୟବସ୍ଥାକୁ ସମର୍ଥନ କରିଥିଲେ। ମାତ୍ର ମୋର ପ୍ରଶ୍ନ, ପୋଲିସ, ଉଦ୍ଧାରକାରୀ ଦଳ ଆଦି ତ ପଛରେ ଆସିବେ, ପ୍ରଥମେ ଆମର ବ୍ୟବସ୍ଥା କାହିଁକି ଠିକ ନରହିବ ? ରାସ୍ତାରେ ଭୟାନକ ମୋଡ ରହିବା କଣ ନିହାତି ଜରୁରୀ ? ଏବେ ମଧ୍ୟପ୍ରଦେଶର ଏକ ନବେ ଡିଗ୍ରୀ କୋଣବିଶିଷ୍ଟ ଏକ ଫ୍ଲାଇ ଓଭର ଓ ମୁମ୍ବାଇର ମୀରା-ଭୟଣ୍ଡରର ୪ ଲେନ୍‌ରୁ ହଠାତ୍ ୨ ଲେନ୍ ପାଲଟି ଯାଉଥିବା ଫ୍ଲାଇଓଭରକୁ ତର୍ଜମା କରାଯାଇପାରେ। ନୋଇଡ଼ାର ସେହି ରାସ୍ତାରେ ପ୍ରସ୍ତାବିତ ମଲ୍ ପାଇଁ ରାସ୍ତାର ଡିଜାଇନ ବଦଳାଯାଇଥିଲା ଓ ୨୦୨୧ ରେ ସେହି ନିର୍ମାଣଧିନ ମଲ୍‌ର ଭୂତଳ ପାର୍କିଂ ପାଇଁ ଖୋଳାହୋଇଥିବା ଗାତ, ଅଦାଲତଙ୍କ ନିର୍ଦ୍ଦେଶ ପରେ ଆଉ ଖୋଳିବା ବନ୍ଦ ରହିଛି। ଏଯାବତ ଲୁହା ରଡ଼ ମାନ ଥାଇ, ତାହା ବନ୍ଦ କରାଯାଇନଥିଲା କାହିଁକି ? ବିପଜ୍ଜନକ ମୋଡ଼ ବୋଲି ସୂଚନା ଫଳକ ଲାଗିନଥିଲା କାହିଁକି ? ଏସବୁ କାହିଁକିର ଉତ୍ତର ମିଳିବା ବାକି ରହିଛି।

ପୁଣି ଫେରିବା ଓଡିଶାକୁ। ଏସବୁ ଘଟଣା ଘଟିଚାଲିଥିବ, ଆମର ଗଣମାଧ୍ୟମ ଦିନାକେତେ ମୁଖର ହେବ। ଖୁବ ତୁମ୍ବିତୋଫାନ ହେବ କେଇଦିନ। ବିଧାନ ସଭା ପଡ଼ିବ ଉଠିବ, ମୁଲତବୀ, ନିନ୍ଦା ପ୍ରସ୍ତାବ ଆଗତ ହେବ। ଟା' ଖଟିରେ ଯୁକ୍ତିତର୍କ ହେବ, ଆରୋପ ପ୍ରତ୍ୟାରୋପ ଚାଲିବ। ମାତ୍ର ବ୍ୟବସ୍ଥା ଯାହା ଥିଲା ସେୟା ରହିବ। ଅତିବେଶୀରେ ସରକାରଙ୍କ ପକ୍ଷରୁ ଅନୁକମ୍ପାରାଶୀ ଘୋଷଣା ହେବ। ପୁଣି ଆଉ ଗୋଟିଏ ନୂଆ ଘଟଣା/ଦୁର୍ଘଟଣା ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଗଲେ, ଯେ ଘଟଣା ପୁଣି ତଳକୁ ଦବିଯିବ। ଖବରକାଗଜର ପ୍ରଥମ ପୃଷ୍ଠାରୁ ଖବର ଧୀରେ ଧୀରେ ହଟିଯାଇ ହଜିଯିବ ଭିତର ପୃଷ୍ଠାରେ। କେତେଦିନ ଚାଲିବ ଯେ ପ୍ରହସନ... ? ଆମର ବ୍ୟବସ୍ଥା କାହିଁକି ସୁଦୃଢ ହେବ ନାହିଁ... ? ସରକାରଙ୍କ ଯୋଜନା ସବୁର ଫଳ କାହିଁକି ଜନସାଧାରଣଙ୍କୁ ମିଳିବ ନାହିଁ... ? ଏକ ଲୋକାଭିମୁଖୀ ସରକାରଙ୍କର ସମସ୍ତ ଜନକଲ୍ୟାଣକରୀ ଯୋଜନାର ଲାଭ ଯଦି ତଳସ୍ତରରେ ଥିବା ପ୍ରକୃତ ଲାଭାର୍ଥୀ ପାଖରେ ନପହଞ୍ଚେ ତେବେ ଏତେସବୁ ଯୋଜନାର ମୁଲ୍ୟ କଣ... ? ଏସବୁ ଯୋଜନା କେବଳ ନାଲି ଫିତାର ବୋଝତଳେ ଚାପି ହୋଇ ନରହିଯାଉ। ସମାଜର ଶେଷ ମୁଣ୍ଡରେ ଥିବା ସବାତଳ ଲୋକଟି ପାଖରେ ଯେ କୌଣସି ଯୋଜନାର ଲାଭ ପହଞ୍ଚିଲେ ଯାଇ ଆମେ ସୁଶାସନର ସ୍ୱପ୍ନ ଦେଖିପାରିବା। ସେହି ଦିନର ଅପେକ୍ଷାରେ ମୁଁ.. !! ଆଉ ଆପଣମାନେ... !!

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ସୌନ୍ଦର୍ଯ୍ୟ

**୨୦୨୬ର ଶୀତକାଳୀନ ଫ୍ୟାସନ୍ ଟ୍ରେଣ୍ଡ୍‌ରେ ମହିଳା କ୍ୟାପ୍ ଏବଂ ଟୋପି ନୂଆ ଫ୍ୟାସନ୍ ଷ୍ଟେଟ୍‌ମେଣ୍ଟ ଭାବରେ ଉଭା ହୋଇଛି। ଶୀତରୁ ମୁଣ୍ଡକୁ ରକ୍ଷା କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ଷ୍ଟାଇଲିସ୍ ଦେଖାଯିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। କାରଣ ଅଧିକାଂଶ ମହିଳା କ୍ୟାପ୍ ପସନ୍ଦ କରନ୍ତି ନାହିଁ। କିନ୍ତୁ ଶୀତକାଳୀନ କ୍ୟାପ୍ ଯାହା ବର୍ତ୍ତମାନ ସମୟରେ ଖୁବ୍ ଟ୍ରେଣ୍ଡ୍ କରୁଛି। ଯାହା ଆପଣଙ୍କ ସୌନ୍ଦର୍ଯ୍ୟକୁ ମଧ୍ୟ ଷ୍ଟାଇଲିସ୍ କରିପାରେ। କେବଳ ଶୀତରୁ ରକ୍ଷା କରେ ନାହିଁ ବରଂ ପ୍ରତ୍ୟେକ ଲୁକ୍‌ରେ କ୍ଲାସିକ୍, ଏଲିଗେଣ୍ଟ୍ ଏବଂ ଆଧୁନିକ ଟଚ୍ ମଧ୍ୟ ଦେଇଥାଏ। ଆସନ୍ତୁ ଜାଣିବା ସେହିଭଳି କିଛି କ୍ୟାପ୍ ବିଷୟରେ।**

# ଟ୍ରେଣ୍ଡି କ୍ୟାପ୍







## ବିନି କ୍ୟାପ୍

ଏହା ସରଳ ଏବଂ ଆରାମଦାୟକ ଡିଜାଇନ୍ ହେତୁ ବିନି କ୍ୟାପ୍ ମହିଳାମାନଙ୍କର ପ୍ରଥମ ପସନ୍ଦ ହୋଇପାରିଛି। ଏହାର ରିମଲେସ୍ ଡିଜାଇନ୍ ମୁଣ୍ଡକୁ ଭଲ ଭାବରେ ଖାପ ଖାଏ ଏବଂ ଥଣ୍ଡା ପବନର ପ୍ରବେଶକୁ ରୋକିଥାଏ। ଏହା ଦେଖିବା ପାଇଁ ହାଲୁକା ହେଲେ ମଧ୍ୟ ଅତ୍ୟଧିକ ଉଷ୍ମ ଅଟେ। ତେଣୁ ଏହା ଦୀର୍ଘ ସମୟ ଧରି ପିନ୍ଧିଲେ ମଧ୍ୟ ବିରକ୍ତିକର ଲାଗି ନଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିନି କ୍ୟାପ୍ କେଶକୁ ନିୟନ୍ତ୍ରଣରେ ରଖେ ଏବଂ ସମସ୍ତ ପ୍ରକାରର ଶୀତକାଳୀନ ପୋଷାକ ସହିତ ମ୍ୟାଚ୍ ମଧ୍ୟ କରେ। ଏହି କାରଣରୁ ମହିଳାମାନେ ଏହାକୁ ପସନ୍ଦ କରନ୍ତି।

## ବକେଟ୍ ଟୋପି

ମହିଳାମାନେ ବିଶେଷ ଭାବରେ ଅନନ୍ୟ ଡିଜାଇନ୍ ଏବଂ ପୂର୍ଣ୍ଣ କଭରେଜ୍ ସହିତ ବକେଟ୍ ଟୋପି ପସନ୍ଦ କରନ୍ତି। ଏହା ମୁଣ୍ଡ ଏବଂ କାନକୁ ମଧ୍ୟ ଘୋଡ଼ାଇ ରଖିଥାଏ। ଏହି କ୍ୟାପ୍ ହାଲୁକା ଏବଂ ନରମ ହୋଇଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପିନ୍ଧିବା ଆରାମଦାୟକ। ଏହାର ସୁନ୍ଦର ଏବଂ ଫ୍ୟାନିସ୍ ଲୁକ୍ ଯୋଗୁଁ ଶୀତଦିନିଆ ପୋଷାକକୁ ଏକ ମଜାଳିଆ ଟଚ୍ ଦେଇଥାଏ। ଏହାକୁ କାଜୁଆଲ୍ ପୋଷାକ ସହିତ ପେୟାର୍ କରନ୍ତୁ।

## ଫେଡ଼ୋରା କ୍ୟାପ୍

ଏହି କ୍ୟାପ୍‌ର ଚଉଡ଼ା ଏବଂ ବକ୍ର ସୀମା ଚେହେରାକୁ ଏକ ଆକର୍ଷଣୀୟ ଆକୃତି ଦେଇଥାଏ ଏବଂ ଲୁକ୍‌ରେ ଏକ ରାଜକୀୟ ଟଚ୍ ଯୋଡ଼ିଥାଏ। ବିଶେଷ କଥା ହେଉଛି ଏହା କେବଳ ଷ୍ଟାଇଲିସ୍ ଦେଖାଯାଏ ନାହିଁ, ବରଂ ଥଣ୍ଡାଠାରୁ ଉତ୍କୃଷ୍ଟ ସୁରକ୍ଷା ମଧ୍ୟ ପ୍ରଦାନ କରେ। କୋଟ୍, ଟ୍ରେଞ୍ଚ କୋଟ୍ କିମ୍ବା ଶୀତକାଳୀନ ପୋଷାକ ସହିତ ଫେଡ଼ୋରା କ୍ୟାପ୍ ସବୁଠାରୁ ଅଧିକ ଗ୍ରେସ୍‌ଫୁଲ୍ ଲୁକ୍ ଦେଇଥାଏ ଏବଂ ଆପଣଙ୍କ ଲୁକ୍‌କୁ କ୍ଲାସିକ୍‌ଭୁକ୍ତ କରିଥାଏ।

## ପମ୍-ପମ୍ କ୍ୟାପ୍

ଏହା ଏକ ସୁନ୍ଦର ଏବଂ ଆକର୍ଷଣୀୟ ଶୀତକାଳୀନ କ୍ୟାପ୍, ଯାହା ପିଲାମାନଙ୍କଠାରୁ ମହିଳାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଉପଲବ୍ଧ। ଏହି କ୍ୟାପ୍ ଉପରେ ଥିବା ଛୋଟ ପମ୍-ପମ୍ ଡିଜାଇନ୍ ହେତୁ କ୍ୟାପ୍‌ଟିକୁ ଅଧିକାଂଶ ପସନ୍ଦ ଏବଂ ଷ୍ଟାଇଲିସ୍‌ରେ ଯୋଡ଼ନ୍ତି। ଏହି କ୍ୟାପ୍ ଶୀତକାଳୀନ ପୋଷାକରେ ଫ୍ରେସ୍‌ନେସ ଯୋଗ କରିଥାଏ। ହାଲୁକା ଏବଂ ଦୁଇ ସ୍ତରୀୟ ହୋଇଥିବାରୁ ଏହା ସମ୍ପୂର୍ଣ୍ଣ ଉଷ୍ମତା ପ୍ରଦାନ କରେ। ଯାହାକୁ ଆପଣ ଉଭୟ ଆରାମ ଏବଂ ଫ୍ୟାସନ୍ ପାଇଁ ବାଛିପାରିବେ।

## ସ୍କାର୍ଫ ସହିତ କ୍ୟାପ୍

ଶୀତରୁ ସମ୍ପୂର୍ଣ୍ଣ ସୁରକ୍ଷା ପାଇଁ ଏହି କ୍ୟାପ୍ ଉପଯୁକ୍ତ। ସ୍କାର୍ଫ ସହିତ କ୍ୟାପ୍ ମୁଣ୍ଡ, କାନ ଏବଂ ବେକକୁ ଏକତ୍ର କଭର୍ କରେ। ଟୋପି କେଶରେ ଆର୍ଦ୍ରତା ବଜାୟ ରଖିବା ବେଳେ ସ୍କାର୍ଫ ମୁହଁକୁ ଥଣ୍ଡା ପବନ ଏବଂ ଧୂଳିରୁ ରକ୍ଷା କରିଥାଏ। ଏପରିସ୍ଥିତିରେ ଆରାମ, ନିରାପତ୍ତା ଏବଂ ଫ୍ୟାସନ୍‌ର ଏହା ଏକ ପର୍‌ଫେକ୍ଟ ମିଶ୍ରଣ।

ରୋଷେଇ ଘରୁ

# ବଟର୍ ଗାର୍ଲିକ୍ ପନିର୍ ଫ୍ରାଇଡ୍ ରାଇସ୍

**ଆବଶ୍ୟକ ସାମଗ୍ରୀ :**

ବାସୁମତୀ ଚାଉଳ, ପନିର୍, ବିନ୍, ଗାଜର, ରେଡ୍ କ୍ୟାପସିକମ୍, ଗ୍ରୀନ୍ କ୍ୟାପସିକମ୍, ପିଆଜ, ରସୁଣ, ଅଦା, କଞ୍ଚାଲଙ୍କା, ପିଆଜ ସଣ୍ଢା, ରେଡ୍‌ଚିଲ୍ଲି ସସ୍, ସୋୟା ସସ୍, ବଟର୍, ଗୋଲମରିଚ ପାଉଡ଼ର, ଭିନେଗାର, ସ୍ୱାଦ ଅନୁଯାୟୀ ଲୁଣ ଦେବେ।



**ପ୍ରଣାଳୀ :**

ବାସୁମତୀ ଚାଉଳକୁ ୩୦ ମିନିଟ୍ ଭିଜେଇ ନିଅନ୍ତୁ। ପ୍ୟାନ୍‌ରେ ପାଣି ଫୁଟିଲା ପରେ ଏଥିରେ ଲୁଣ, ତେଲ ଏବଂ ଭିଜେଇ ରଖିଥିବା ଚାଉଳକୁ ପକାଇ ଫୁଟାନ୍ତୁ। ଚାଉଳ ୯୫% ସିଝିଲେ ଏହାକୁ ଗାଳି ନେବେ। ଭାତ ଥଣ୍ଡା ହେଲେ ଏହାକୁ ଭଲ ଭାବେ କଭର୍ କରି ଫ୍ରିଜ୍‌ରେ ରଖି ଦିଅନ୍ତୁ। ପନିର୍, ବିନ୍, ଗାଜର, ରେଡ୍ କ୍ୟାପସିକମ୍, ଗ୍ରୀନ୍ କ୍ୟାପସିକମ୍, ପିଆଜ, କଞ୍ଚାଲଙ୍କା, ରସୁଣ, ଅଦା, ପିଆଜ ସଣ୍ଢାକୁ ଛୋଟ ଛୋଟ ସାଇଜ୍‌ର କାଟି ନିଅନ୍ତୁ। ପ୍ୟାନ୍‌ରେ ବଟର୍ ଗରମ ହେଲେ ପନିର୍‌ରେ ଲୁଣ ଦେଇ ହାଲୁକା ଭାଜି ରଖନ୍ତୁ। ସେହି ପ୍ୟାନ୍‌ରେ କଟା ରସୁଣ, ଅଦା, କଞ୍ଚାଲଙ୍କା, ପିଆଜ, ରେଡ୍ କ୍ୟାପସିକମ୍, ଗ୍ରୀନ୍ କ୍ୟାପସିକମ୍‌କୁ ପକାଇ ଭାଜିବେ। ଏସବୁ ହାଲୁକା ଭାଜି ହେଲେ ଏଥିରେ ଗାଜର, ବିନ୍‌କୁ ଦେଇ ଭାଜନ୍ତୁ। ପରିବା ସବୁ ଅଳ୍ପ ଭାଜି ହେଲା ପରେ ସେଥିରେ ରେଡ୍‌ଚିଲ୍ଲି ସସ୍, ଭିନେଗାର, ସୋୟା ସସ୍ ପକାଇ ମିଶାଇ ନେବେ। ଫ୍ରିଜ୍‌ରେ ରଖିଥିବା ଭାତକୁ ପକାଇବା ପରେ ଲୁଣ, ଭାଜି ରଖିଥିବା ପନିର୍, ଗୋଲମରିଚ ପାଉଡ଼ର ପକାଇ ଭଲ ଭାବେ ମିକ୍ସ କରିନ୍ତୁ। ଶେଷରେ କାଟି ରଖିଥିବା ପିଆଜ ସଣ୍ଢାକୁ ପକାଇ ଗ୍ୟାସ ବନ୍ଦ କରିଦେବେ। ଏହି ବଟର୍ ଗାର୍ଲିସ୍ ପନିର୍ ଫ୍ରାଇଡ୍ ରାଇସ୍‌କୁ କରୁମ୍ବର ସହିତ ଖାଇପାରିବେ।

# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ**

ସପ୍ତାହଟି ଶାରୀରିକ ଅସୁସ୍ଥତା ଓ କର୍ମକ୍ଷେତ୍ରରେ ନାନା ସମସ୍ୟା ଦେଖାଦେବ। ବିଦ୍ରୋହର ସୂଚନା ମିଳେ। ନିଧନ ଭୟର ଆଶଙ୍କା ରହିଛି। ପାରିବାରିକ ଜୀବନ ବ୍ୟୟବହୁଳ ଓ ଅଶାନ୍ତି ହେବ। ଚାକିରିରେ ଅସ୍ଥିରତା ଦେଖାଦେବ।
ପ୍ରତିକାର: ଦୁର୍ଗାଙ୍କ ପୂଜାର୍ଚ୍ଚନା କରଣୀୟ।

**ବୃଷ**

ସପ୍ତାହଟିରେ ଉତ୍ତମ ଫଳ ରହିଛି। ସୁଖ ସମ୍ମାନ ମିଳିବ। କର୍ମକ୍ଷେତ୍ରରେ ଉତ୍ସାହିତ ହେବେ। ଆୟ ଅବ୍ୟାହତ ରହିବ ଓ ସଞ୍ଚୟ ଯୋଗ। ପ୍ରୀତିଲାଭ ଓ ବନ୍ଧୁମିଳନ ଘଟିବ। ପାରିବାରିକ ଜୀବନ ଭୋଗବିଳାଶରେ କଟିବ।
ପ୍ରତିକାର: ଶନି ଚାଳିଶା ପାଠ କରନ୍ତୁ।

**ମିଥୁନ**

ସପ୍ତାହଟି ଉତ୍ସାହିତ ହେବେ। ସାହାଯ୍ୟ ଓ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ସାଫଲ୍ୟତା। ଆୟ ଅବ୍ୟାହତ ରହିବ। ପାରିବାରିକ ଜୀବନ ସ୍ୱଚ୍ଛଳତାରେ କଟିବ। ଭ୍ରାତୃବିବାଦର ସୂଚନା ମିଳେ। ଚାକିରିରେ ପ୍ରଶଂସା ପାଇବେ।
ପ୍ରତିକାର: କୁକୁରକୁ ରୁଟି ଖାଇବାକୁ ଦିଅନ୍ତୁ।

**କର୍କଟ**

ସପ୍ତାହଟି ବ୍ୟାକୁଳତାରେ କଟିବ। ମାନସିକ ଦୁଃଶ୍ଚିନ୍ତା ବୃଦ୍ଧିପାଇବ। ଆୟ ମଧ୍ୟମ ହେବ। ଶତ୍ରୁ ବୃଦ୍ଧିପାଇବ। କର୍ମକ୍ଷେତ୍ରରେ ବିଳମ୍ବ ଯୋଗ। କେହି ପ୍ରତାରଣା କରିବେ। ପାରିବାରିକ ଜୀବନ ନୈରାଶ୍ୟରେ କଟିବ।
ପ୍ରତିକାର: ପିଲାମାନଙ୍କୁ ମିଷ୍ଟାନ୍ନ ଲଡୁ ଖାଇବାକୁ ଦିଅନ୍ତୁ।

**ସିଂହ**

ସପ୍ତାହଟି ସମସ୍ତ ଦିଗରୁ କ୍ଷତିର ସୂଚନା ମିଳେ। ଦ୍ରବ୍ୟ ନଷ୍ଟ ଓ ଅର୍ଥକ୍ଷୟର ଆତଙ୍କ। ଶରୀର ଆଦୌ ଭଲ ରହିବନି। କର୍ମକ୍ଷେତ୍ରରେ ବିଫଳତା। ଆୟ ହ୍ରାସ ପାଇବ। ଭୃତ୍ୟହାନୀ ଯୋଗ।
ପ୍ରତିକାର: ଅନାଥଙ୍କୁ ବସ୍ତ୍ର ଦାନ କରନ୍ତୁ।

**କନ୍ୟା**

ସପ୍ତାହଟିରେ ଆପଣ ଅନେକ ସମସ୍ୟାର ମୁକାବିଲା କରିବେ। ଦେହ ଓ ମନ ଭଲ ରହିବ। କର୍ମକ୍ଷେତ୍ରରେ ଝଗଡ଼ା ସୃଷ୍ଟି ହେବ। ନିଜଲୋକେ ସହଯୋଗ କରିପାରନ୍ତି। ଆଇନ ଅଦାଲତର ସାମ୍ନା କରିବେ।
ପ୍ରତିକାର: ସୂର୍ଯ୍ୟଙ୍କୁ ଜଳଦାନ କରନ୍ତୁ।

**ତୁଳା**

ସପ୍ତାହଟିରେ ଆପଣଙ୍କର ଭଲରେ କଟିବ। ଆୟ ବୃଦ୍ଧିପାଇବ। କର୍ମକ୍ଷେତ୍ରରେ ଉନ୍ନତି କରିବେ। ଦୂର ବ୍ୟକ୍ତିଙ୍କଠାରୁ ସାହାଯ୍ୟ ପାଇପାରିବେ। ଦ୍ରବ୍ୟହାନୀ ଯୋଗ। ବିବାଦୀୟ ଘଟଣାରେ ଜୟଯୁକ୍ତ ହେବେ।
ପ୍ରତିକାର: ପ୍ରାତଃକାଳୀନ ସୂର୍ଯ୍ୟସ୍ନାନ କରଣୀୟ।

**ବିଛା**

ବିଛା: ସପ୍ତାହଟି ଆପଣଙ୍କର ଅତି ଉତ୍ତମ ହେବ। ଦେହ ଓ ମନ ଭଲ ରହିବ। କର୍ମକ୍ଷେତ୍ରରେ ଉତ୍ସାହ, ଉଦ୍ଦୀପନା ପ୍ରକାଶ ପାଇବ। ବିଭିନ୍ନ ଦିଗରୁ ଆୟର ଯୋଗ। ଉଚ୍ଚ ସମ୍ମାନ ମିଳିବ। କର୍ତ୍ତବ୍ୟ ପଥରେ ଆଗେଇବେ।
ପ୍ରତିକାର: ଶିବ ମନ୍ଦିରରେ ପୂଜା କରଣୀୟ।

**ଧନୁ**

ସପ୍ତାହଟି ଆପଣଙ୍କର ଭଲରେ କଟିବ। କେତେକକ୍ଷେତ୍ରରେ ଅସହଯୋଗ ରହିବ। ଦେହ ଭଲ ରହିବ। ବିବାଦୀୟ ଘଟଣାରେ ଜଡ଼ିତ ହୋଇ ଅସମ୍ମାନିତ ହେବେ। ଯାନବାହନରେ କ୍ଷତି ଯୋଗ। ବନ୍ଧୁ ମତାନ୍ତର ହୋଇପାରେ।
ପ୍ରତିକାର: ସୋମବାର ସଂକ୍ରାନ୍ତିରେ ଶିବମନ୍ଦିରରେ ପୂଜା କରଣୀୟ।

**ମକର**

ସପ୍ତାହଟି ଖୁବ୍ ଭଲରେ କଟିବ। ଦେହ ଓ ମନ ଭଲ ରହିବ। ଧନ ଓ ସମ୍ମାନ ପାଇବେ। ସୁଖ ଓ ସମ୍ପଦ ଲାଭ କରିବେ। ପ୍ରାଧାନ୍ୟ ବଢ଼ିବ। ଦୁରୂହ କାର୍ଯ୍ୟ ସାଧିତ ହେବ। ଆୟ ଉତ୍ତମ ଆସିବ। ପାରିବାରିକ ଜୀବନରେ ଦୁଃଖ ଆସିବ।
ପ୍ରତିକାର: ଜଗନ୍ନାଥଙ୍କ ପୂଜା କରଣୀୟ।

**କୁମ୍ଭ**

ସପ୍ତାହଟିରେ ଫଳ ମଧ୍ୟମ ରହିବ। ଦେହ ସୁସ୍ଥ ରହିବ। ଏବଂ ବଦ୍‌ଖର୍ଚ୍ଚୀ ବହୁତ ହେବ। ଆଇନ ଅଦାଲତରେ ସୁଫଳ ପାଇବେ। କର୍ମକ୍ଷେତ୍ରରେ ବିରୋଧୀ ଭାବ ଦେଖାଦେବ। ବନ୍ଧୁମିଳନ ଯୋଗ। ପାରିବାରିକ ଜୀବନରେ ଅବିଶ୍ୱାସ ବଢ଼ିବ।
ପ୍ରତିକାର ପ୍ରତିଦିନ ହନୁମାନ ଚାଳିଶା ପାଠ କରଣୀୟ।

**ମୀନ**

ସପ୍ତାହଟିରେ ଫଳ ଉତ୍ତମ ରହିବ। ଦେହ ଓ ମନ ଭଲ ରହିବ। ପ୍ରତିଯୋଗିତାରେ ସାଫଲ୍ୟତା। କର୍ମକ୍ଷେତ୍ରରେ ଆଗେଇବେ। ଆୟ ଅବ୍ୟାହତ ରହିବ। ପଦସ୍ଥ ବ୍ୟକ୍ତିଙ୍କଠାରୁ ସମ୍ମାନ ପାଇବେ। ପାରିବାରିକ ଜୀବନରେ ସୁଖୀରହିବେ।
ପ୍ରତିକାର: ତୁଳସୀ ଚଉରାମୂଳେ ଜଳ ଅର୍ପଣ କରଣୀୟ।

ପର୍ଯ୍ୟଟନ

# ଯୋରନ୍ଦା ମହିମା ମେଳା

ପ୍ରେମାନନ୍ଦ ପାଣିଗ୍ରାହୀ

**ପ୍ରତ୍ୟେକ ବର୍ଷ ପରି ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ପବିତ୍ର ଗୁରୁଧାମ ଢେଙ୍କାନାଳ ଜିଲ୍ଲାର ମହିମାଗାଦିରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରୁ ସପ୍ତାହ ବ୍ୟାପି ଆରମ୍ଭ ହୋଇଛି ବାର୍ଷିକ ପ୍ରଭୁପୂର୍ଣ୍ଣିମା ମହୋତ୍ସବ । ମହିମା ଧର୍ମ ଓଡିଶା ମାଟିରେ ସୃଷ୍ଟି ହୋଇଥିବା ଧର୍ମ, ଯାହା ପରିବ୍ୟାପ୍ତ ହୋଇଛି ଦେଶରେ ଓ ବିଦେଶରେ । ଯୋଗେଶ୍ୱର ମହିମା ସ୍ୱାମୀ ଏହି ଧର୍ମର ସଂସ୍ଥାପକ । ସ୍ଥାବର, ଜଙ୍ଗମ, କୀଟ, ପତଙ୍ଗ ଆଦି ସମସ୍ତ ପ୍ରାଣୀଙ୍କୁ ସମ ଦୃଷ୍ଟିରେ ଦେଖିବା ଏହି ଧର୍ମର ବୈଶିଷ୍ଟ୍ୟ ।**

ମାନବର ଅନ୍ତର୍ନିହିତ ବ୍ରହ୍ମଚେତନାକୁ ଜାଗ୍ରତ କରାଇ ତାର ଗୁଣାତ୍ମକ ଓ କ୍ରିୟାତ୍ମକ ବିକାଶ ଘଟାଇବା ଏହି ଧର୍ମର ପ୍ରଧାନ ଉଦ୍ଦେଶ୍ୟ। ମଣିଷ ମନରେ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାର ବାର୍ତ୍ତା ମହିମା ଧର୍ମ ପ୍ରଚାର କରେ । ମହିମା ଧର୍ମର ନୀତି ହେଲା - ପ୍ରାତଃ ସ୍ନାନ, ଉଦେଅସ୍ତେ ଦର୍ଶନ, ଗୋମୁତ୍ର ପାନ ଓ ଗୋମୟ ଲେପନ, ଗୌରିକ ବସ୍ତ୍ର ଧାରଣ ଓ ଦିବସେ ପାନ ଭୋଜନ । ମହିମା ଧର୍ମ ଶୂନ୍ୟବାଦକୁ ବିଶ୍ୱାସ କରେ । ଏଠାରେ ବିଶ୍ୱ ସ୍ରଷ୍ଟାଙ୍କୁ ପରମବ୍ରହ୍ମ ଆଦି, ଅନାଦି, ଅଲେଖ, ଅଣାକାର, ଅବ୍ୟକ୍ତ, ନିରଞ୍ଜନ ଆଦି ନାମରେ ସ୍ତୁତି ଗାନ କରାଯାଏ । ସାଧୁ ଅତିଥି ବେଶରେ ଗ୍ରାମକୁ ଗ୍ରାମ ପଦବ୍ରଜରେ ଭ୍ରମଣ ପୂର୍ବକ ଭିକ୍ଷା ଗ୍ରହଣ କରି ଇଶ୍ୱର ଉପାସନାର ମାର୍ଗକୁ ମହିମା ସାଧୁମାନେ ଗ୍ରହଣ କରିଥାନ୍ତି । ଗୋଟିଏ ଗ୍ରାମରେ ଏକ ଦିନରୁ ଅଧିକ ଏବଂ ଗୋଟିଏ ଗୃହରେ ଥରକରୁ ଅଧିକ ଭିକ୍ଷା ଗ୍ରହଣ ନକରିବାକୁ ସାଧୁମାନେ ନିୟମ ଭାବରେ ପାଳନ କରିଥାନ୍ତି ।

ମହିମା ଧର୍ମର ପ୍ରବର୍ତ୍ତକ ମହିମା ସ୍ୱାମୀ ପ୍ରଥମେ ଭାରତ ବର୍ଷର ହିମାଳୟରେ ଆର୍ବିଭୂତ ହୋଇ ଆତ୍ମ ଯୋଗ ସମାଧି କରିଥିଲେ । ୧୮୨୬ ମସିହାରେ ପୁଣ୍ୟ ଭୂମି ଉତ୍କଳର ଶ୍ରୀକ୍ଷେତ୍ର ପୁରୀ ବଡଦାଣ୍ଡରେ ପଦାର୍ପଣ କରି ଧୂଳିଆ ବାବା ନାମରେ ପରିଚିତ ହୋଇଥିଲେ । ମହିମା ସ୍ୱାମୀ ଶ୍ରୀକ୍ଷେତ୍ରରୁ ଆସି ଖଣ୍ଡଗିରି ଗୁମ୍ଫାରେ କିଛିକାଳ ଅବସ୍ଥାନ କରି ନିଷ୍କାମ ଲୀଳା ଖେଳା କରିଥିଲେ । ୧୮୩୮ ଖ୍ରୀଷ୍ଟାବ୍ଦରେ ଢେଙ୍କାନାଳ ପ୍ରସିଦ୍ଧ ଶୈବପୀଠ କପିଳାସ ଶିଖରର ତପୋବନ ଠାରେ ପଦାର୍ପଣ କରି ୧୮୬୨ ମସିହା ପର୍ଯ୍ୟନ୍ତ ମହିମା ସ୍ୱାମୀ ଆତ୍ମଯୋଗ ସମାଧିରେ ବସି ସିଦ୍ଧିଲାଭ କରିଥିଲେ । ଏହି ଆତ୍ମଯୋଗ ଅବସରରେ ପ୍ରଥମ ୧୨ବର୍ଷ ସଦାନନ୍ଦ ଶବର ବନ୍ୟ ଫଳମୂଳ ଓ ପରବର୍ତ୍ତୀ ୧୨ବର୍ଷ ଢେଙ୍କାନଳ ରାଜା ଭଗୀରଥ ଭ୍ରମରବରଙ୍କ ପ୍ରଦତ୍ତ ଗୋଦୁଗ୍ଧ ସେବନ କରିଥିଲେ । ଏହି ଆଦିପୀଠ ତପୋବନ ଠାରେ ବ୍ରହ୍ମଧୂନୀ ଜାଗରଣ କରି କଳିକାଳର ପାପ ଭାରକୁ ଖଣ୍ଡନ କରିଥିଲେ । ତା’ପରେ ପଦବ୍ରଜରେ ସମଗ୍ର ଓଡିଶା ଭୂଖଣ୍ଡ ପରିଭ୍ରମଣ କରି ସତ୍ୟ ମହିମା ଧର୍ମ ପ୍ରଚାର କଲେ । ଢେଙ୍କାନାଳ ଗଡ ଠାରୁ ଉତ୍ତରକୁ ୨୫ କି.ମି ଦୂର ଯୋରନ୍ଦା ଠାରେ ଢେଙ୍କାନାଳ ରାଜାଙ୍କ ପ୍ରଦତ ୫କୋଷ ଜମିରେ ଟୁଙ୍ଗୀ ସ୍ଥାପନା କଲେ । ୧୮୭୫ ମସିହା ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମହିମା ସ୍ୱାମୀ ଯୋରନ୍ଦା ମହିମା ଗାଦିରେ ଧୂନି ସ୍ଥାପନା କରିବା ସହ ମହିମାମେଳା ଆରମ୍ଭ କରିଥିଲେ । ଚତୁର୍ଦ୍ଦଶୀ ତିଥି ସନ୍ଧ୍ୟାରୁ ପୂର୍ଣ୍ଣମୀ ତିଥି ପ୍ରତ୍ୟୁଷ ପର୍ଯ୍ୟନ୍ତ ପରମବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଘୃତାହୁତି ଅର୍ପଣ କରିବା ସହ ବିଶ୍ୱବାସୀଙ୍କ ମଙ୍ଗଳ ବିଧାନ ପାଇଁ ପ୍ରାର୍ଥନା କରିଥିଲେ । ୧୮୬୨ରୁ ୧୮୭୬ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୪ ବର୍ଷ ମଧ୍ୟରେ ନିରାକାର ଅଲେଖ ପରମବ୍ରହ୍ମଙ୍କ ମହାତ୍ମ୍ୟ ପ୍ରଚାରରେ ମଗ୍ନ ରହି ୮୪ ଜଣ ଶିଷ୍ୟଙ୍କୁ କୌପିନ୍ ବାନା ଓ ୯୧ ଜଣ ଶିଷ୍ୟଙ୍କୁ ବକ୍କଳ ବାନା ପରିଧାନ କରିବାକୁ ଦେଇଥିଲେ । ମହିମା ସ୍ୱାମୀ ତାଙ୍କର ମର୍ତ୍ତ୍ୟବାସ କାଳରେ ଅନେକ ଅଲୌକିକ ଲୀଳା ସଂପାଦନ କରିଛନ୍ତି । ମୃତ ବ୍ୟକ୍ତିକୁ ଜୀବଦାନ, ଶୂନ୍ୟରେ ଗମନ, ଅନ୍ଧକୁ ଚକ୍ଷୁଦାନ କରି ଜଗତହିତ ପାଇଁ ଯୋଗମୟ ଜୀବନ ଅତିବାହିତ କରିଛନ୍ତି । ୧୮୭୬ ମସିହା ଫାଲ୍‌ଗୁନ୍ ଶୁକ୍ଳ ଚତୁର୍ଦ୍ଦଶୀରେ ଯୋରନ୍ଦା ଟୁଙ୍ଗୀରେ ମହିମା ସ୍ୱାମୀ ଇହଲୀଳା ସମ୍ବରଣ କରିଥିଲେ । ମହିମା ଧର୍ମୀମାନେ ବିଶ୍ୱାସ କରନ୍ତି ଯେ ମହିମା ସ୍ୱାମୀ ନିଜର ଅଲୌକିକ ଲୀଳା ଖେଳା ମଧ୍ୟରେ ନିର୍ବାଣ ପ୍ରାପ୍ତ ହୋଇଥିଲେ । ନିର୍ବାଣର ଦୁଇଦିନ ପୂର୍ବରୁ ମହିମା ସ୍ୱାମୀ ପୂର୍ବାଭିମୁଖୀ ହୋଇ ଯୋଗାସନରେ ବସିଥିଲେ । ନିର୍ବାଣ ପ୍ରାପ୍ତି ଦିନ ହଠାତ୍ ତାଙ୍କ ଦେହ ତମ୍ବା ବର୍ଣ୍ଣ ଧାରଣ କଲା ଏବଂ ସେ ସ୍ୱଦେହରେ ପରଲୋକ ଗମନ କଲେ । ମହିମା ସ୍ୱାମୀଙ୍କର ବକ୍କଳ ବାନାକୁ ଶିଷ୍ୟମାନେ ଯୋରନ୍ଦା ଗ୍ରାମର ପୂର୍ବଦିଗରେ ସମାଧିସ୍ଥ କରି ଢେଙ୍କାନାଳର ରାଜା ଭଗିରଥ ମହିନ୍ଦ୍ର ବାହାଦୂରଙ୍କ ସହାୟତାରେ ସମାଧି ସ୍ଥଳରେ ଶୂନ୍ୟମନ୍ଦିର ନିର୍ମାଣ କରିଥିଲେ ।

ପ୍ରତିବର୍ଷ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଠାରୁ ସପ୍ତାହବ୍ୟାପୀ ଅନୁଷ୍ଠିତ ହୁଏ ପୂଣ୍ୟପୀଠ ଯୋରନ୍ଦା ଠାରେ ମହିମାମେଳା । ଏହି ମେଳାରେ ମହିମା ଧର୍ମ ସମାଜର ପରାପର ସନ୍ନ୍ୟାସୀ, ବୈରାଗୀ, ଗୃହିଭକ୍ତ ଓ ଶ୍ରଦ୍ଧାଳୁ ଏକତ୍ର ହୋଇ ମାଘଶୁକ୍ଳ ତ୍ରୟୋଦଶୀ ପାହାନ୍ତ ପ୍ରହରରୁ ମହିମା ମେଳା ଆରମ୍ଭ ହୁଏ । ଏହାକୁ ବେଢା ପରିକ୍ରମା କୁହାଯାଏ । ବାର୍ଷିକ ଗୁରୁପୂର୍ଣ୍ଣିମା ଉତ୍ସବ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ପ୍ରାତଃ ତିନି ଘଟିକାରୁ ଆରମ୍ଭ ହୁଏ । ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ସାଧୁମାନେ ସତର୍କ ଘଣ୍ଟି ବଜାଇବା ପରେ ନୀତି ନିଯୁକ୍ତ ସାଧୁମାନେ ମହିମା ଗାଦିର ସମସ୍ତ ଉପାସନା ପୀଠ ଗୁଡିକରେ ସ୍ୱତନ୍ତ୍ର ନୀତି ଆରମ୍ଭ କରନ୍ତି । ମାହାଳମୂଳ ଆଶ୍ରମ କୂଅରୁ ରୂପା ଗରାରେ ପାଣି ଅଣାଯାଇ ମନ୍ଦିର ଚାରିପାଖକୁ ଧୋଇବା ପରେ ସୁନା ଗିନାରେ ଥିବା ଶ୍ୱେତଚନ୍ଦନ, ଶ୍ରୀକର୍ପୁର, ଅଗୁର ଆଦି ସିଞ୍ଚନ କରାଯାଇ ଛେରା ପହଁରା କରାଯାଏ । ଷାଠିଏ ଜଣ ସାଧୁ ଷାଠିଏ ରୂପା ଚାମରରେ ମହିମା ସ୍ୱାମୀଙ୍କୁ ଚାମର ସେବା କରନ୍ତି । ଗାଦି ମନ୍ଦିରସ୍ଥ ଅମୁଣିଆ ମଣ୍ଡପରେ ଅମୁଣିଆ ପ୍ରସାଦ ଶୂନ୍ୟ ମହାପ୍ରଭୁଙ୍କୁ ଅର୍ପଣ କରାଯିବା ପରେ ଏହାକୁ ସାଧାରଣ ଭକ୍ତଙ୍କୁ ବଣ୍ଟନ କରାଯାଏ । ମଧ୍ୟାହ୍ନରେ ମଧ୍ୟାହ୍ନ ନୀତି ଓ ଅପରାହ୍ନରେ ତ୍ରିସଂନ୍ଧ୍ୟା ପୂଜା ସମୟରେ ସମାନ ସେବା ନୀତି କରାଯାଏ । ଗାଦିପୀଠରେ ବିଭିନ୍ନ ନୀତି କ୍ରାନ୍ତିରେ ବ୍ୟବହୃତ ମୂଲ୍ୟବାନ ସାଜ ସଂରଞ୍ଜାମ ଯଥା ସୁନା ଓ ରୂପାର ଛତ୍ରୀ, ଆଢେଣି, ତରାସ, ସୁନା ଓ ରୂପାର ଝାଡୁ, ଥାଳି ଓ ଗିନା ଓ ଅନ୍ୟାନ୍ୟ ସାମଗ୍ରୀ ଗୁଡିକୁ ଭକ୍ତଙ୍କ ଦର୍ଶନ ନିମନ୍ତେ ଗାଦି ମନ୍ଦିର ବେଢାରେ ରଖାଯାଇ ଭକ୍ତମାନଙ୍କୁ ପ୍ରଦର୍ଶନ କରାଯାଏ । ସଂନ୍ଧ୍ୟାବେଳେ ମନ୍ଦିର ଏକତ୍ର ହୋଇଥାନ୍ତି । ଗାଦି ମନ୍ଦିରରେ ବକ୍କଳଧାରୀ ମହିମା ସମାଜ ଓ ଅଖଣ୍ଡ ଜ୍ୟୋତି ମନ୍ଦିରରେ କୌପୀନଧାରୀ ମହିମା ସମାଜ ପକ୍ଷରୁ ଯଥାରୀତି ପ୍ରାତଃ ଆଳତୀ,ମଧ୍ୟାହ୍ନ ନୀତି କରାଯାଏ । ଶୂନ୍ୟ ବ୍ରହ୍ମ ଭାବରେ ଉପାସନା କରାଯାଉଥିବା ମହିମାସ୍ୱାମୀଙ୍କ ଉଦ୍ଦେଶ୍ୟରେ ପ୍ରାତଃ ସମୟରେ ଅହ୍ଲଣିଆ ମଧ୍ୟାହ୍ନରେ ନଡିଆ ଓ ସନ୍ଧ୍ୟାରେ ଦୋକତାପିକା ଅର୍ପଣ କରାଯାଏ । ସନ୍ଧ୍ୟାରେ ଶୂନ୍ୟ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଝାଡଦୀପ ପ୍ରଜ୍ୱଳନ ପାଇଁ ପ୍ରସ୍ତୁତି ହୁଏ । ପ୍ରଥମେ ଗାଦି ମନ୍ଦିରର ପଶ୍ଚିମ ପାର୍ଶ୍ୱରେ ବକ୍କଳଧାରୀ ମହିମା ସମାଜର ଅଧକ୍ଷ ମହିମା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ୪୪ବତୀ ବିଶିଷ୍ଟ ଝାଡ ଦୀପରେ ଅଗ୍ନି ସଂଯୋଗ କରିଥାନ୍ତି । ତତ୍‌ପରେ ଗାଦି ମନ୍ଦିରର ଅନ୍ୟ ତିନି ଦ୍ୱାରରେ ମହିମା ସ୍ୱାମୀମାନେ ବୃହତ ଝାଡଦୀପରେ ଅଗ୍ନି ସଂଯୋଗ କରନ୍ତି । ସ୍ୱୟଂ ମହିମା ସ୍ୱାମୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏକୋଇଶି ହାତିଆ ମନ୍ଦିର ଶୂନ୍ୟ ମନ୍ଦିର ନୀତି ମନ୍ଦିର ଅଖଣ୍ଡବତୀ ମନ୍ଦିର ଆଦି ମହିମାଗାଦିର ଉପାସନା ପୀଠ ଗୁଡିକରେ ଗୋଟିଏ ଲେଖାଏଁ ଝାଡ ଦୀପ ପ୍ରଜ୍ୱଳନ କରାଯାଇଥାଏ । ଧୂନି ମନ୍ଦିରରେ ପ୍ରଜ୍ୱଳିତ ହେଉଥିବା ଧୂନିରେ ଘୃତ ଅର୍ପଣ କରାଯାଏ । ମହିମା ଗୋସାଇଁ ପ୍ରତିଷ୍ଠା କରିଥିବା କାଠ ଧୂନି ଏଠାରେ ଆଜିବି ଜଳୁଛି । ଏହି ଧୂନି ପାଉଁଶକୁ ‘ବ୍ରହ୍ମ ବିଭୂତି’ ଭାବେ ଶ୍ରଦ୍ଧାଳୁମାନେ ଗ୍ରହଣ କରିବା ସହ ସଯତ୍ନରେ ସାଇତି ରଖିଥାନ୍ତି । ଭୀମଭୋଇଙ୍କ ରଚିତ - ‘ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ । ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।’ ଏହି ମହାବାଣୀକୁ ସ୍ମରଣ କରି ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ମହିମା ସାଧୁମାନେ ଘୃତାହୁତି ପ୍ରଦାନ କରିଥାନ୍ତି । ଶ୍ରଦ୍ଧାଳୁ ଭକ୍ତମାନେ ଯେଉଁ ଘୃତ ଦାନ କରିଥାନ୍ତି ତାହା ବଡ ବଡ ପିତ୍ତଳ ହଣ୍ଡାରେ ସଂଗୃହିତ ହୋଇ ରଖାଯାଇଥାଏ ଏବଂ ସେଥିରୁ ବଡ ବଡ ଡଙ୍କି ଦ୍ୱାରା ଘୃତ ଆହରଣ କରି ଅଖଣ୍ଡ ଧ୍ୱନି ଓ ପ୍ରଜ୍ୱଳିତ ପ୍ରଦୀପରେ ମହିମା ସାଧୁମାନେ ପ୍ରଦାନ କରିଥାନ୍ତି । ସାରାରାତି ପ୍ରଜ୍ୱଳିତ ହୁଏ ଏହି ଝାଡଦୀପ । ଏଥିରୁ ଉଦ୍‌ବେଳିତ ଆଲୋକ ଅଜ୍ଞାନ ଅନ୍ଧକାର ବିରୁଦ୍ଧରେ ଅଭିପ୍ରେତ ବୋଲି ମହିମା ଭକ୍ତମାନେ ବିଶ୍ୱାସ କରନ୍ତି । ଅଜ୍ଞାନ ତମସା ଦୂର ପାଇଁ ଜ୍ଞାନର ପ୍ରଦୀପ ପ୍ରଜ୍ୱଳନ ଏହି ଉତ୍ସବକୁ ଅଧିକ ମହତ୍ତ୍ୱପୂର୍ଣ୍ଣ କରି ଗଢି ତୋଳିଥାଏ । ମାଘ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଠାରୁ ଆରମ୍ଭ ହୋଇଥିବା ଯୋରନ୍ଦା ମେଳାର ଦ୍ୱିତୀୟ ଦିବସକୁ ଦେଶ ପୂର୍ଣ୍ଣିମା ଭାବେ ପାଳନ କରାଯାଏ । ପରମ୍ପରା ଅନୁଯାୟୀ ମହିମା ସାଧୁ ସମାଜ ତରଫରୁ ଭକ୍ତଙ୍କ ମଙ୍ଗଳ ପାଇଁ ଏହି ପୂର୍ଣ୍ଣିମା ପାଳନ କରାଯାଉଥିବାରୁ ଏହାକୁ ଦେଶ ପୂର୍ଣ୍ଣିମା କୁହାଯାଏ । ସନ୍ୟାସୀମାନେ ଦେଶପୂର୍ଣ୍ଣିମା ଉପଲକ୍ଷେ ଜଗତ ଓ ଭଗତଙ୍କ ମଙ୍ଗଳ କାମନା କରି ଝାଡ ପ୍ରଜ୍ୱଳନ କରିଥାନ୍ତି ଓ ଘୃତାହୁତି ପ୍ରଦାନ କରନ୍ତି । ଶ୍ରଦ୍ଧାଳୁମାନେ ପୂଣ୍ୟ ଦାୟକ ଝାଡ ଦୀପ ପ୍ରଜ୍ୱଳନ ଦୃଶ୍ୟ ଦର୍ଶନ କରିବା ସହିତ ସାଧୁ ସନ୍ଥଙ୍କ ସାନ୍ନିଧ୍ୟ ଲାଭ କରନ୍ତି । ମହିମା ଭଜନ, ଜଣାଣ, ଖଞ୍ଜଣି ମାଡରେ ପ୍ରକମ୍ପିତ ହୁଏ ମହିମା ଗାଦି । ଅନେକ ନିଜର ପିଲାମାନଙ୍କୁ ସନ୍ୟାସୀଙ୍କୁ ଦାନ କରିବା ଓ ସନ୍ୟାସୀଙ୍କ ଠାରୁ ସନ୍ତାନଙ୍କୁ ଗ୍ରହଣ କରିଥାନ୍ତି । କୌପିନଧାରୀ ମହିମା ସମାଜ ଓ ବକ୍କଳଧାରୀ ମହିମା ସମାଜର ବାର୍ଷିକ ପରିଚାଳନା ସମିତି, ବାର୍ଷିକ ସେବା ସମିତି, ସତସଙ୍ଗ ଗୋଷ୍ଠୀ ଭିକ୍ଷା ଅନୁଷ୍ଠିତ ହୁଏ ।

ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪



ମନୋରଞ୍ଜନ





# ରୋମାଣ୍ଟିକ ତଡ଼କା 'ତୁ ୟା ମେ'

'ତୁ ୟା ମେ'ହେଉଛି ପ୍ରେମ ମାସରେ ରିଲିଜ୍ ହୋଇଥିବା ଆଉ ଏକ ରୋମାଣ୍ଟିକ ଫିଲ୍ମ। ୨୦୨୬ର ହିନ୍ଦୀ ରୋମାନ୍ସ-ଥ୍ରୀଲର ଫିଲ୍ମ ଭାବରେ ଦର୍ଶକଙ୍କ ମନୋରଞ୍ଜନ ଯୋଗାଇବ। ଶାନୟା କପୁର ଏବଂ ଆଦର୍ଶ ଗୌରବଙ୍କ ଅଭିନୀତ ମୁଖ୍ୟ ଭୂମିକାରେ ଥିବାବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ବେଜୋୟ ନାମ୍ବିଆର। ଏହାର ବିଷୟବସ୍ତୁରେ ରହିଛି ଦୁଇଜଣ କଣ୍ଟେଣ୍ଟ କ୍ରିଏଟର ଏକ ଅନ୍‌ଲାଇନ୍ ଗେମର ଉଦ୍ଭାବନ କରିବା ଓ କୁମ୍ଭୀରଟିଏକୁ ଏହି ବିପଦଜ୍ଜନକ ଖେଳରେ ସାମିଲ କରିବା ଉଭୟଙ୍କ ପାଇଁ କାଳ ହୋଇଯାଇଛି। ଥାଇ ଚଳଚ୍ଚିତ୍ର 'ପୁଲ୍' ଦ୍ୱାରା ଅନୁପ୍ରାଣିତ ହୋଇଛି ହୋଇଛି ଏହାର କଣ୍ଟେଣ୍ଟ। ଆନନ୍ଦ ଏଲ୍ ରାୟଙ୍କ କଲର ୟେଲୋ ପ୍ରଡକ୍ସନ୍ସ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରଟି ରୋମାନ୍ସ ସହିତ ରହିଛି ଥ୍ରୀଲର ଏକ୍ସପେରିୟନ୍ସ। ଭାଲେଣ୍ଟାଇନ ପୂର୍ବରୁ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମଟି ବକ୍ସ ଅଫିସରେ କେତେ ହିଟ୍ ଦେବ, ଜଣାପଡ଼ିବ।

# ସନମ୍ ତେରୀ କସମ୍-୨

ଭାଲେଣ୍ଟାଇନ ଡେ'କୁ ଆଖି ଆଗରେ ରଖି ସନମ ତେରୀ କସମ-୨ ବଡ଼ ପରଦାକୁ ଆସିବ। ସନମ୍ ତେରୀ କସମ୍ ୨୦୧୬ ମସିହାରେ ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ସେହି ସଫଳତା ଆଧାରରେ ଆଗାମୀ ବଲିଉଡ ରୋମାଣ୍ଟିକ ଫିଲ୍ମ ଦର୍ଶକଙ୍କ ମନୋରଞ୍ଜନ ପାଇଁ ପୁଣିଥରେ ଏହାର ସେକେଣ୍ଡ ପାର୍ଟ ନିର୍ମାଣ କରାଯାଇଛି। ରାଧିକା ରାଓ ଏବଂ ବିନୟ ସାପ୍ରୁଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ହର୍ଷବର୍ଦ୍ଧନ ରାଣେ ମୁଖ୍ୟ ଭୂମିକାରେ ଫେରିବେ ବୋଲି ଆଶା କରାଯାଉଛି। ନିର୍ଦ୍ଦେଶକ ସୂଚନା ଦେଇଛନ୍ତି, ଖୁବ ଶୀଘ୍ର ଫେବ୍ରୁଆରୀରେ ରିଲିଜ୍ ହେବ। ଫିମେଲ ଲିଡ୍‌ରେ ଶ୍ରଦ୍ଧା କପୁର କିମ୍ବା ସୋନମ ବାଜୱାଙ୍କ ଭିନ୍ନ ଭୂମିକାରେ ଦେଖାଯିବେ। ୨୦୧୬ରେ ନିର୍ମାଣ କରାଯାଇଥିବା ମୂଳ ଫିଲ୍ମରେ ହର୍ଷବର୍ଦ୍ଧନ ରାଣେ ଏବଂ ମୌରା ହୋକନେ ଅଭିନୟ କରିଥିଲେ।





# ଭୀର ମୁରାରବାଜୀ :



ପରଦା ଉପରକୁ ଆସୁଛି ଏକ ଐତିହାସିକ ଫିଲ୍ମ। ପୁରନ୍ଦର ଯୁଦ୍ଧ ହେଉଛି ଆଗାମୀ ଭାରତୀୟ ଐତିହାସିକ ଚଳଚ୍ଚିତ୍ର ଯାହା ଅଜୟ - ଅନିରୁଦ୍ଧଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଆଲମଣ୍ଡସ୍ କ୍ରିଏସନ୍ସ ଦ୍ୱାରା ନିର୍ମିତ। ମୁରାରବାଜୀ ଦେଶପାଣ୍ଡେଙ୍କ ଜୀବନୀ ଉପରେ ଆଧାର କରି ଏହି ଚଳଚ୍ଚିତ୍ରରେ ଅଙ୍କିତ ମୋହନ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ସୌରଭରାଜ ଜୈନ, ତନିଷା, ଦୀପିକା ଚିଖଲିଆ, ଅରୁଣ ଗୋବିଲ, ସନ୍ତୋଷ ଜୁଭେକର, ଏଲାକ୍ଷୀ ଗୁପ୍ତା, ହରିଶ ଦୁଧଡ଼େ ପ୍ରମୁଖ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ର ଏକାସାଙ୍ଗରେ ମରାଠୀ ଏବଂ ହିନ୍ଦୀ ଭାଷାରେ ମୁକ୍ତିଲାଭ କରିବ। ଏହି ଚଳଚ୍ଚିତ୍ରଟି ୧୯୬୫ ମସିହାରେ ଘଟିଥିବା ଘଟଣାକୁ ନେଇ ନିର୍ମିତ ହୋଇଛି, ଯେଉଁଥିରେ ଜୟ ସିଂ ପ୍ରଥମ ଏବଂ ମୋଗଲ ଜେନେରାଲ ଦିଲର ଖାନ ପୁରନ୍ଦର ଦୁର୍ଗକୁ ଅବରୋଧ କରିଥିଲେ। ସେହି ବୀରତ୍ୱ କାହାଣୀକୁ ନେଇ ବିଜୟର କଥା ଏହି

# ନିଖିଲ ଓ ସାମ୍ୟୁକ୍ତାଙ୍କ ସ୍ୱୟମ୍ଭୁ

ତେଲୁଗୁ ଫିଲ୍ମ 'ସ୍ୱୟମ୍ଭୁ' ଏଇ ମାସରେ ଦ୍ୱିତୀୟ ସପ୍ତାହରେ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି। ନିଖିଲ ସିଦ୍ଧାର୍ଥ ଓ ସାମ୍ୟୁକ୍ତା ମେନନଙ୍କ ଯୋଡ଼ିରେ ନିର୍ମାଣ ହୋଇଥିବା ଏହି ଫିଲ୍ମଟି ରେକର୍ଡ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଭାରତ କୃଷ୍ଣମ୍‌ଚାରିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ନିଖିଲ ଓ ସାମ୍ୟୁକ୍ତା ସହ ନବା ନଭା ନଟେଶ ମଧ୍ୟ ଷ୍ଟାରକାଷ୍ଟର ଲିଡିଂରେ ରହିଛନ୍ତି। ଏହି ଚଳଚ୍ଚିତ୍ରଟି ପିକ୍ସେଲ ଷ୍ଟୁଡିଓ ଦ୍ୱାରା ନିର୍ମିତ ଏବଂ ତେଲୁଗୁ, ତାମିଲ, କନ୍ନଡ, ମାଲାୟାଲମ୍ ଏବଂ ହିନ୍ଦୀ ସମେତ ଏକାଧିକ ଭାଷାରେ ମୁକ୍ତିଲାଭ କରିବ। ସୋସିଆଲ ମିଡ଼ିଆରେ ଏହି ଫିଲ୍ମର ଟିଜର ଦେଖିଲେ ଲାଗୁଛି, ଆକ୍ସନ-ରୋମାଣ୍ଟିକ-ଥ୍ରୀଲରକୁ ନେଇ ନିର୍ମାଣ କରାଯାଇଛି। ନିଖିଲ ସିଦ୍ଧାର୍ଥଙ୍କୁ ଜଣେ ଭୟଙ୍କର ଯୋଦ୍ଧା ଭାବରେ ଏହି ଫିଲ୍ମରେ ଦେଖିବାକୁ ମିଳିବେ। ହାଇ ବଜେଟ୍‌ରେ ନିର୍ମାଣ କରାଯାଇଥିବା ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।



# ହୋମ୍ ୱାର୍କ ଓ ଶିକ୍ଷାର୍ଥୀ

ଡକ୍ଟର ସୁରେଶ କୁମାର ନାୟକ



ଶିକ୍ଷା ସମାଜ ବିକାଶର ମୂଳ ଉତ୍ସ। ଯେଉଁ ରାଷ୍ଟ୍ର, ସମାଜ ବା ଗୋଷ୍ଠୀ ଯେତେ ଶିକ୍ଷିତ, ସେ ସେତିକି ବିକଶିତ। ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ମଣିଷର ମୌଳିକ ଶିକ୍ଷା ତା'ର ଶୈଶବରୁ ଆରମ୍ଭ ହୋଇଥାଏ। କି ଧନୀ କି ଗରିବ, ପ୍ରତ୍ୟେକ ଅଭିଭାବକ ଚାହେଁ ତା'ର ସନ୍ତାନ ଉତ୍ତମ ଶିକ୍ଷା ପ୍ରାପ୍ତ କରି ଭବିଷ୍ୟତରେ ଏକ ପ୍ରତିଷ୍ଠିତ ନାଗରିକ ହୋଇ ସମାଜରେ ବଞ୍ଚୁ। ଆମର ଆଦିମ ଶିକ୍ଷା ବ୍ୟବସ୍ଥା ପୁରାତନ କାଳରେ ଋଷି, ମୁନି, ଅବଧାନ, ପଣ୍ଡିତ, ଚାଟଶାଳୀ ବା ଗୁରୁକୁଳରେ ହେଉଥିଲା ଯାହାକି ବର୍ତ୍ତମାନ ଅତ୍ୟାଧୁନିକ କାଳରେ ବିଭିନ୍ନ ନର୍ସରୀ, ଅଙ୍ଗନବାଡ଼ି, ପ୍ଲେ ସ୍କୁଲ ଆଦିରେ ଚାଲୁଛି।

ଶିକ୍ଷାର ଏହି ପ୍ରତିଯୋଗିତା ତଥା ସଫଳତା ଭିତ୍ତିକ ଆବଶ୍ୟକତାରୁ ଆରମ୍ଭ ହୁଏ ହୋମୱାର୍କ ସମ୍ପର୍କିତ ଆଲୋଚନା। ଶିକ୍ଷା କ୍ଷେତ୍ରରେ ହୋମୱାର୍କ ଶବ୍ଦଟିର ପ୍ରଚଳନ ନେଇ ଯଦିଓ ସଠିକ କିଛି ତଥ୍ୟ ନାହିଁ, ତେବେ ପ୍ରାଚୀନ ରୋମରେ ପିଲାନୀ ନାମକ ଜଣେ ଶିକ୍ଷକ ସ୍କୁଲ ସାରିବା ପରେ କିଛି ଟାସ୍କ ଦେଉଥିବାର ତଥ୍ୟ ଅଛି। ଇଟାଲୀର ରୋବର୍ଟ ନେଭିଲିସ୍ ୧୯୦୫ ମସିହାରେ ହୋମୱାର୍କ ତତ୍ତ୍ୱର ବ୍ୟବହାର ପାଇଁ ବେଶ ପରିଚିତ। ମାତ୍ର ହୋରାସ୍ ମାନ୍ ହିଁ ଆମେରିକାରେ ଏହାର ବ୍ୟବହାର ଆରମ୍ଭ କରିଥିଲେ। ଏପରିକି ୧୯୩୦ ମସିହାରେ ଏହାକୁ ଶିଶୁ ଶ୍ରମିକ ପ୍ରଥା ଭଳି ମନେ କରାଯାଉଥିଲା। ଶୀତଳ ଯୁଦ୍ଧ ସମୟରେ ଆମେରିକା ନିଜ ଦେଶ ଛାତ୍ରଙ୍କୁ ସୋଭିଏତ ଛାତ୍ରଙ୍କ ଠାରୁ ଆଗରେ ରଖିବା ପାଇଁ ଏହାକୁ ଉନ୍ନତ ଶିକ୍ଷାର ଆବଶ୍ୟକତା ଭାବୁଥିଲା। ୧୯୮୬ ମସିହାରେ ଆମେରିକା ସରକାରୀ ଭାବରେ ଏହାକୁ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ବୋଲି ସ୍ୱୀକୃତି ଦେଇଥିଲା। ପ୍ରାଚୀନ ଭାରତର ଗୁରୁକୁଳକୁ ଅନୁଧ୍ୟାନ କଲେ ଶିକ୍ଷାର ଚାରୋଟି ବିନ୍ଦୁ ପଠନ, ଲିଖନ, ଅନୁଷ୍ଠାନ ଓ ସ୍ୱାଧ୍ୟାୟ। ଏହି ସବୁରେ ବିନା ଗୁରୁରେ ଅଭ୍ୟାସ ଯାହାକୁ ଆଜିକାଲିର ହୋମୱାର୍କର ଏକ ରୂପ ବୋଲି ମଧ୍ୟ ଅନେକେ ମତ ଦିଅନ୍ତି। ସ୍କୁଲର ବିଧିବଦ୍ଧ ସମୟସାରଣୀ ପରେ ଛାତ୍ରଛାତ୍ରୀଙ୍କୁ ଯେଉଁ ସବୁ ବିଷୟବସ୍ତୁ ପଢ଼ିବାକୁ ବା ଲେଖିବାକୁ ପଡ଼େ, ତାକୁ ହୋମୱାର୍କ କୁହାଯାଏ। ପଢ଼ିବା ଓ ଲେଖିବା ଦୁଇଟି ଯାକ ଶବ୍ଦର ରୂପରେଖ ହିଁ ହୋମୱାର୍କର ଭୂମିକାକୁ ସ୍ପଷ୍ଟ କରେ। କ୍ଲାସ୍‌ରୁମ୍ ବାହାରେ ଶିକ୍ଷକ ଦେଉଥିବା ଟାସ୍କକୁ ସାଧାରଣତଃ ଏହି ଶ୍ରେଣୀରେ ଗ୍ରହଣ କରାଯାଇଥାଏ। ଆଜିକାଲି ଏହାକୁ ଶିକ୍ଷାର ଏକ ମୁଖ୍ୟ ଆଧାରଶୀଳା ଭାବରେ ଗଣାଯାଉଛି। କ୍ଲାସ୍‌ରୁମ୍‌ରେ ପଢ଼ା ସରିବା ପରେ ଅଭ୍ୟାସ କରିବା ହେଉ ବା ବୁଝିବା ନିମିତ୍ତ ହେଉ ବା ସେଲ୍ଫ ଷ୍ଟଡି ପାଇଁ ଶିକ୍ଷକ ଯାହା ନିର୍ଦ୍ଦେଶ ଦେଇଥାନ୍ତି, ତାକୁ ଛାତ୍ରଛାତ୍ରୀ, ଅଭିଭାବକ ହୋମୱାର୍କ ବୋଲି ଭାବନ୍ତି।

ବର୍ତ୍ତମାନର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ହୋମୱାର୍କକୁ ନେଇ ମଝିରେ ମଝିରେ ଚର୍ଚ୍ଚା ହୋଇଥାଏ। ସେମାନଙ୍କୁ ହୋମୱାର୍କ ଦିଆଯିବା ଉଚିତ କି ନୁହେଁ, ପ୍ରକୃତରେ ଏହାର ଆବଶ୍ୟକତା ରହିଛି କି ନାହିଁ, ଏହାକୁ ନେଇ ସର୍ବଦା ବିତର୍କ ଲାଗି ରହିଛି। ଏହି ପ୍ରସଙ୍ଗକୁ ନେଇ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନଙ୍କ ଭିନ୍ନ ଭିନ୍ନ ମତ ରହିଛି। କେତେକ ପିଲା ଏହାକୁ ବୋଝ ବୋଲି ଭାବିଥାନ୍ତି, ଆଉ କେତେକ ଏହାର ଆବଶ୍ୟକତା ରହିଛି ବୋଲି ମତ ଦିଅନ୍ତି। ତେବେ ଶିକ୍ଷକମାନଙ୍କ ମତ ହେଲା ଛାତ୍ରଛାତ୍ରୀମାନଙ୍କ ପାଇଁ ହୋମୱାର୍କ ବା ଗୃହକାର୍ଯ୍ୟ ଜରୁରୀ। କିନ୍ତୁ ଏମିତି ବି ଅତ୍ୟଧିକ ହୋମୱାର୍କ ଦିଆଯିବା ଉଚିତ ନୁହେଁ, ଯାହା କୋମଳମତି ଛାତ୍ରଛାତ୍ରୀଙ୍କୁ ଆରାମ ଦେବାରେ ଅସୁବିଧା ସୃଷ୍ଟି କରିବ। ଅତ୍ୟଧିକ ହୋମୱାର୍କ ସେମାନଙ୍କ ମାନସିକ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଆମେରିକାରେ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ହୋମୱାର୍କ ଦିଆଯିବା ଉଚିତ ନୁହେଁ। ଦୁଇ ଘଣ୍ଟାରୁ ଅଧିକ ହୋମୱାର୍କ ଦିଆଯିବା କ୍ଷତିକାରକ। ହୋମୱାର୍କ ପ୍ରତ୍ୟେକ ଛାତ୍ରଛାତ୍ରୀ ମାନଙ୍କ ଅତ୍ୟନ୍ତ ଜରୁରୀ। ପ୍ରତ୍ୟେକ ଦିନ ସ୍କୁଲରୁ ଫେରିବା ପରେ ଏହା କରିବାକୁ ଛାତ୍ରଛାତ୍ରୀମାନେ ତତ୍ପର ହୋଇପଡ଼ନ୍ତି। ତେବେ ସୀମିତ ସମୟ ମଧ୍ୟରେ ହୋମୱାର୍କ କରିବାକୁ ପଡୁଥିବାରୁ ସେମାନଙ୍କ ଉପରେ ମାନସିକ ଚାପ ପଡ଼ିଥାଏ। ହୋମୱାର୍କ ଦିଆଯିବା ଉଚିତ, କିନ୍ତୁ ଟିକିଏ କମ। କେତେକ ଅଭିଭାବକ ଓ ଶିକ୍ଷାବିତଙ୍କ ମତ ହେଲା, ହୋମୱାର୍କ ଏଥିପାଇଁ ଦିଆଯାଏ ଯେ, ସ୍କୁଲ ଛୁଟି ପରେ ଛାତ୍ରଛାତ୍ରୀମାନେ କିଛି ସମୟ ନିଜକୁ ବ୍ୟସ୍ତ ରଖିବେ। ଟାସ୍କ ପୁରା କରିବାରେ ଅଭିଭାବକଙ୍କ ମଧ୍ୟ ଭୂମିକା ରହିଛି। ସେମାନେ ହୋମୱାର୍କ ଯୋଗୁଁ କିଛି ସମୟ ନିଜ ପିଲାଙ୍କ ସହିତ ବିତାଇ ପାରିବେ। ପ୍ରୋଜେକ୍ଟ ୱାର୍କ ଦିଆଯିବା ଫଳରେ ଛାତ୍ରଛାତ୍ରୀମାନଙ୍କ ରଚନାତ୍ମକ ବିକାଶ ହୋଇଥାଏ। ତେବେ ଯାହା ହେଉନା କାହିଁକି ହୋମୱାର୍କ ପିଲାମାନଙ୍କ ସୃଜନଶୀଳତାକୁ ବଢ଼ାଇବା ସହ ସେମାନଙ୍କ ବୌଦ୍ଧିକ ସାମର୍ଥ୍ୟକୁ ଆଗକୁ ନେଇଥାଏ।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,**
**ସେକ୍ଟର-୯, ସିଡିଏ, କଟକ**



# ଓଡ଼ିଶାରେ ସୌର ଉପାସନା ଓ ତିଳ ସପ୍ତମୀ

**ସନାତନ ଆର୍ଯ୍ୟ ସଂସ୍କୃତିରେ ପ୍ରକୃତିକୁ ଉପାସନା କରିବାର ବିଧି ରହିଥିଲା ଏବଂ ରହିଛି ମଧ୍ୟ। ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ନଦୀ, ପର୍ବତ, ବୃକ୍ଷ ଏ ସମସ୍ତଙ୍କ ପାଖରୁ କିଛି ନା କିଛି ଉପକାର ମିଳେ ବୋଲି ଜାଣି ତାକୁ ପୂଜା କରି ଆସୁଛି। ବେଦରେ ମଧ୍ୟ ପ୍ରକୃତିର ପୂଜା ବିଷୟରେ କୁହାଯାଇଛି। ବେଦର ପ୍ରମୁଖ ଦେବତା ଭାବେ ଅଗ୍ନି, ସୂର୍ଯ୍ୟ ଓ ବାୟୁକୁ ପ୍ରଧାନ ଦେବତା ଭାବେ ଗ୍ରହଣ କରାଯାଇଛି। ସେହି ସମୟରୁ ହିଁ ଭଗବାନ ସୂର୍ଯ୍ୟଙ୍କ ପୂଜା ଚାଲି ଆସିଛି। ଆଦିମ ମନୁଷ୍ୟ ମଧ୍ୟ ବୁଝିଥିଲେ ଯେ ସୂର୍ଯ୍ୟ ସର୍ବ ଶକ୍ତିମାନ। ସେ ସକଳ ଶକ୍ତିର ଆଧାର। ସୂର୍ଯ୍ୟଙ୍କ ରଶ୍ମିରେ ଅନେକ ଦୂରାସାଧ୍ୟ ରୋଗର ନିରାକରଣ ଶକ୍ତି ରହିଛି। ତେଣୁ ଆଦିମ ଯୁଗରୁ ସୂର୍ଯ୍ୟ ପୂଜାର ପ୍ରସିଦ୍ଧି ରହିଛି। ଶାସ୍ତ୍ର କହେ ଆରୋଗ୍ୟାଦ୍ ଭାସ୍କର ମିଚ୍ଛେଦ୍ ଜ୍ଞାନ ମିଚ୍ଛେଦ ଶଙ୍କରାତ୍। ଅର୍ଥାତ୍ ଶରୀର ଆରୋଗ୍ୟ ପାଇଁ ସୂର୍ଯ୍ୟଙ୍କୁ ପୂଜା କରିବା ଆବଶ୍ୟକ। ସୂର୍ଯ୍ୟ ହେଉଛନ୍ତି ଜୀବ ସୃଷ୍ଟିର ମୂଳାଧାର। ସେ ସୃଷ୍ଟି, ସ୍ଥିତି ଓ ପ୍ରଳୟର ଦେବତା। ତେଣୁ ମନୁଷ୍ୟ ନିଜର ଦୈନନ୍ଦିନ କାର୍ଯ୍ୟ କରିବା ପୂର୍ବରୁ ସୂର୍ଯ୍ୟ ପୂଜା କରୁଛି।**



ପୁରାଣରେ ବର୍ଣ୍ଣନା ରହିଛି ସୂର୍ଯ୍ୟଙ୍କ ଜନ୍ମ ସ୍ଥାନ କଳିଙ୍ଗ ଦେଶ। ସେ ମାଘ ଶୁକ୍ଳ ସପ୍ତମୀ ଦିନ ଜନ୍ମ ଗ୍ରହଣ କରିଥିଲେ। କଳିଙ୍ଗ ଦେଶ ସମ୍ଭୁତମ୍ ଦାଡ଼ିମୋ କୁସୁମ ପ୍ରଭମ୍। ତେଣୁ ଓଡ଼ିଶାରେ ଏହି ପୂଜାର ପ୍ରଚଳନ ବିଶେଷ ଭାବେ ଦେଖିବାକୁ ମିଳେ। କୋଣାର୍କ ହେଉଛି ସୂର୍ଯ୍ୟ ଉପାସନାର ପ୍ରକୃଷ୍ଟ ପୀଠ। ଆକାଶରେ ଚଳମାନ ସୂର୍ଯ୍ୟଙ୍କୁ ଲୋକେ ପୂଜା କରିଥାନ୍ତି। କୋଣାର୍କର ମନ୍ଦିରର କଳା ଓ ଭାସ୍କର୍ଯ୍ୟ ବାସ୍ତବିକ୍ ଅନ୍ୟତ୍ର ବିରଳ। ମୈତ୍ରେୟ ମୁନିଙ୍କ ତପସ୍ୟା ପ୍ରଭାବରେ ଏହି କ୍ଷେତ୍ର ସୃଷ୍ଟି ହୋଇଥିଲା ବୋଲି ଏ କ୍ଷେତ୍ରକୁ ମୈତ୍ରେୟ ବନ ବୋଲି ବିଭିନ୍ନ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ସାରଳା ମହାଭାରତର ବନ ପର୍ବରେ ଏହି କ୍ଷେତ୍ରରେ ଭଗବାନ ସୂର୍ଯ୍ୟ ଅର୍କ ନାମକ ଦୈତ୍ୟକୁ ବଧ କରିଥିବାରୁ ଏହାକୁ ଅର୍କକ୍ଷେତ୍ର ବୋଲି କୁହାଯାଏ। ପୁନଶ୍ଚ ସୂର୍ଯ୍ୟଙ୍କ ଅନ୍ୟ ନାମ ଅର୍କ। ଏହି ସ୍ଥାନରେ ସୂର୍ଯ୍ୟୋଦୟ ଏକ କୋଣରୁ ହେଉଥିବାରୁ ଏହାର ନାମ କୋଣାର୍କ ହୋଇଛି। ବିଭିନ୍ନ ପୁରାଣରେ ଏହି କ୍ଷେତ୍ରର ନାମ ଭିନ୍ନ ଭିନ୍ନ ରହିଛି। ବ୍ରହ୍ମ ପୁରାଣରେ କୋଣାଦିତ୍ୟ, ଶିବ ଓ ସ୍କନ୍ଦ ପୁରାଣରେ ସୂର୍ଯ୍ୟକ୍ଷେତ୍ର, ପଦ୍ମ ପୁରାଣର ପ୍ରାଚୀ ମାହାତ୍ମ୍ୟରେ ଅର୍କକ୍ଷେତ୍ର, ଭବିଷ୍ୟ ପୁରାଣରେ ମିତ୍ରବନ, ଶାମ୍ବ ପୁରାଣରେ ମୈତ୍ରେୟ ବନ, କପିଳ ସଂହିତାରେ ରବିକ୍ଷେତ୍ର ନାମରେ ପ୍ରସିଦ୍ଧି ଅର୍ଜନ କରିଛି। ଏହି କ୍ଷେତ୍ରକୁ ପଦ୍ମ କ୍ଷେତ୍ର ବୋଲି ମଧ୍ୟ କୁହାଯାଏ। କୋଣାର୍କ କ୍ଷେତ୍ର ମାହାତ୍ମ୍ୟରୁ ଜଣାଯାଏ ଯେ ସ୍ୱୟଂ ସୂର୍ଯ୍ୟ ଏଠାରେ ପାଦ ପ୍ରକ୍ଷାଳନ କରିଥିଲେ। ଶିବ ମଧ୍ୟ ବ୍ରହ୍ମାଙ୍କ ଶିର ଛେଦନ ଜନିତ ପାପରୁ ମୁକ୍ତି ପାଇବା ପାଇଁ ଏହି କ୍ଷେତ୍ରରେ ତପସ୍ୟା କରିଥିଲେ। ଆହୁରି ମଧ୍ୟ ଏ କ୍ଷେତ୍ର ସଂଲଗ୍ନ ଅଷ୍ଟଚଣ୍ଡି, ଅଷ୍ଟ ଶମ୍ଭୁ, କହ୍ଲାର ଗଣ୍ଡ, ମହୋଦଧି, ଅର୍କବଟ, ମଙ୍ଗଳା, ଶାଲ୍ମଳୀ ଭାଣ୍ଡ, ଚନ୍ଦ୍ରଭାଗା ତୀର୍ଥ ଥିବାରୁ ଏହା ଏକ ପୁଣ୍ୟ କ୍ଷେତ୍ର ଭାବେ ପରିଗଣିତ ହୋଇଥାଏ।

ଓଡ଼ିଶାରେ ସୌର ଉପାସନାର ପ୍ରଥମ ପୀଠ ହେଉଛି କୋଣାର୍କ। ପୂର୍ବେ ଏହି ମନ୍ଦିରରେ ସୂର୍ଯ୍ୟ ଦେବଙ୍କ ବିଶାଳ ମୂର୍ତ୍ତି ରହିଥିଲା। କାଳର କରାଳ ଗର୍ଭରେ ଏବେ ସେଠାରେ ସୂର୍ଯ୍ୟ ମୂର୍ତ୍ତି ନାହିଁ କି ମନ୍ଦିର ମଧ୍ୟ ନାହିଁ। କେବଳ ସୂକ୍ଷ୍ମ କାରୁକାର୍ଯ୍ୟ ବିମଣ୍ଡିତ ମୁଖଶାଳାଟି ଅତୀତର କୀର୍ତ୍ତିକୁ ମନେ ପକାଇ ଦେଉଛି। ଏହି କ୍ଷେତ୍ରରେ ମଧ୍ୟ ପଞ୍ଚ ତୀର୍ଥ ରହିଛନ୍ତି।

**ଆବଟେ ଶାଲ୍ମନ୍ଦୀ ଭାଣ୍ଡେ ସୂର୍ଯ୍ୟ ଗଙ୍ଗୀ ମହୋଦଧି**
**ଚନ୍ଦ୍ରଭାଗା କରେତ୍ ସ୍ନାନଂ ପୁନର୍ଜନ୍ମ ନ ଲଭ୍ୟତେ।**

ପୂର୍ବେ ସମୁଦ୍ର କୂଳରେ ଏକ ବଟବୃକ୍ଷ ଥିଲା। ଯାହାକୁ ଅର୍କବଟ ବୋଲି କୁହାଯାଉଥିଲା। ଏବେ ସେ ବଟ ନାହିଁ କିନ୍ତୁ ସେଠାରେ ବଟେଶ୍ୱର ମହାଦେବ ପୂଜା ପାଆନ୍ତି। କୋଣାର୍କରୁ ଦୁଇ ମାଇଲ ଦୂରରେ ଏକ ତୀର୍ଥ ସ୍ଥଳ ରହିଥିବା କପିଳ ସଂହିତାରୁ ଜଣାପଡେ। ଯାହା ଶାଲ୍ମନ୍ଦୀ ଭାଣ୍ଡ ନାମରେ ନାମିତ। ଏବେ ଏହା ଏକ ପୁଷ୍କରିଣୀ ଭାବେ ରହିଛି। ଲୋକେ ଏହାକୁ ଶିମିଳି ଗଣ୍ଡ ବୋଲି କହୁଛନ୍ତି। କୋଣାର୍କ ନିକଟବର୍ତ୍ତୀ ମାଧିପୁର ଗ୍ରାମରେ ତ୍ରିବେଣୀଶ୍ୱରଙ୍କ ନିକଟରେ ଏକ କୁଣ୍ଡ ରହିଛି, ଯାହାକୁ ସୂର୍ଯ୍ୟ ଗଙ୍ଗା କୁହାଯାଏ। କୋଣାର୍କ ନିକଟରେ ସମୁଦ୍ର ଏବଂ ଚନ୍ଦ୍ରଭାଗା ତୀର୍ଥ ରହିଛି। ଏ ସମସ୍ତ ତୀର୍ଥରେ ମାଘ ସପ୍ତମୀ ଦିନ ବୁଡ଼ ପକାଇବା ସହ ଦାନ ପୁଣ୍ୟ କଲେ ମନୁଷ୍ୟର ସର୍ବବିଧ ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଏଣୁ ଏ ଅଞ୍ଚଳ ଏକ ପବିତ୍ର କ୍ଷେତ୍ର। ସୌର ଉପାସନାର ପ୍ରମୁଖ ପର୍ବ ଭାବେ ଶାମ୍ବ ଦଶମୀ ଓ ତିଳ ସପ୍ତମୀକୁ ଗ୍ରହଣ କରାଯାଇଛି। କୋଣାର୍କରେ ତିଳ ସପ୍ତମୀ ଦିନ ମାଘ ମେଳା ଅନୁଷ୍ଠିତ ହୁଏ। ଉକ୍ତ ଦିନ ଅଷ୍ଟ ଶମ୍ଭୁ ଓ ଅଷ୍ଟ ଚଣ୍ଡୀଙ୍କ ସମେତ କୋଣାର୍କରେ ବିଜେ ପ୍ରତିମା ଚନ୍ଦ୍ର ଓ ସୂର୍ଯ୍ୟ ରଥରେ ବସି ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରୁଥିଲେ। ଅଧୁନା ଈଶାନେଶ୍ୱର, ତ୍ରିବେଣୀଶ୍ୱର ଓ ଦକ୍ଷିଣେଶ୍ୱର ଦେବ ମେଳା ସ୍ଥାନକୁ ଯାତ୍ରା କରୁଛନ୍ତି। ଏହି ଯାତ୍ରା ପାଇଁ ଷଷ୍ଠୀ ଦିନ ରାତିରେ ଲୋକମାନେ ଜମା ହୁଅନ୍ତି। ଭୋରରୁ ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ କରି ସୂର୍ଯ୍ୟ ଦର୍ଶନ କରି ପୁଣ୍ୟ ଅର୍ଜନ କରିଥାନ୍ତି। କୁହାଯାଇଛି -

**ଜନନୀ ସର୍ବ ଭୂତାନାଂ ସପ୍ତମୀ ସପ୍ତ ସପ୍ତିକେ ସର୍ବ ବ୍ୟାହୃତିକେ ଦେବୀ ନମସ୍ତେ ରବି ମଣ୍ଡଳେ।**

ପରମ୍ପରା କ୍ରମେ ଅଦ୍ୟାବଧି ଜନସାଧାରଣ ଏହି ସ୍ଥାନକୁ ଆସି ବୁଡ ପକାଇ ସୂର୍ଯ୍ୟ ଦର୍ଶନ ସହ ଦାନ ପୁଣ୍ୟ କରି ଆସୁଛନ୍ତି। କୋଣାର୍କ ପରେ ଦ୍ୱିତୀୟ ସୂର୍ଯ୍ୟ ଉପାସନାର ପୀଠ ଭାବେ ଗଞ୍ଜାମ ଜିଲ୍ଲାର ବୁଗୁଡ଼ାରେ ଥିବା ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରକୁ ଗ୍ରହଣ କରାଯାଇଛି। ଏହି କ୍ଷେତ୍ରକୁ ଦ୍ୱିତୀୟ ଅର୍କକ୍ଷେତ୍ର ବୋଲି ମଧ୍ୟ କୁହାଯାଏ। କୋଣାର୍କ ମନ୍ଦିରର କଳା କାରୁକାର୍ଯ୍ୟ ପ୍ରସ୍ତରରେ ହୋଇଥିବା ବେଳେ ଏଠାରେ କାଠରେ ସୁନ୍ଦର କାରୁକାର୍ଯ୍ୟ ଖୋଦିତ ହୋଇଛି। ତେଣୁ ଏହାକୁ କାଷ୍ଠ କୋଣାର୍କ ମଧ୍ୟ କୁହାଯାଉଛି। ଏହି ମନ୍ଦିରଟି ୧୮୨୨ ମସିହାରେ ଘୁମୁସରର ରାଜର୍ଷି ଶ୍ରୀକର ଭଞ୍ଜଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଉକ୍ତ ମନ୍ଦିରଟି ଧାବମାନ ରଥ ସଦୃଶ୍ୟ।ଏହା ପଶ୍ଚିମ ମୁଖୀ। ଅସ୍ତକାଳୀନ ସୂର୍ଯ୍ୟଙ୍କ ଶେଷ କିରଣ ଏହି ମନ୍ଦିରର ପ୍ରତିମାଙ୍କ ପାଦ ସ୍ପର୍ଶ କରିଥାଏ। ମନ୍ଦିର ଆଗରେ ସାତଗୋଟି ଅଶ୍ୱ ରହିଛନ୍ତି। ଦ୍ୱାର ସମ୍ମୁଖରେ ଅରୁଣ ସ୍ତମ୍ଭ ବିଦ୍ୟମାନ। ଗୋଟିଏ ଚକ ରହିଅଛି। ସୂର୍ଯ୍ୟଙ୍କ ବର୍ଣ୍ଣନା ଅନୁସାରେ ଏକ ଚକ୍ରୋ ରଥୋ ଯସ୍ୟ ଦିବ୍ୟ କନକ ଭୂଷଣ। ଉକ୍ତ ମନ୍ଦିରରେ ସୂର୍ଯ୍ୟ ଦେବଙ୍କ ତିନୋଟି ବିଗ୍ରହ ପୂଜା ପାଉଛନ୍ତି। ମଝିରେ ଶିଳା ବିଗ୍ରହ, ଦକ୍ଷିଣରେ ଦାରୁ ବିଗ୍ରହ ଓ ବାମରେ ଧାତୁ ବିଗ୍ରହ ରହିଛନ୍ତି। ସୂର୍ଯ୍ୟ ମୂର୍ତ୍ତିଟି ଦ୍ୱିଭୁଜ। ଦୁଇଟି ହସ୍ତରେ ଦୁଇଟି ପଦ୍ମ ଧାରଣ କରିଛନ୍ତି। ସଂପୂର୍ଣ୍ଣ ରାଜକୀୟ ପରିପାଟୀ। ରାଜକୀୟ ପରିଚ୍ଛଦ। ଅଣ୍ଟାରେ ଛୁରୀ। ସିଂହାସନର ଉପର ପାର୍ଶ୍ୱରେ ଦୁଇଟି ସଖୀ ପୁଷ୍ପମାଳ ଧରି ଉଡ୍ଡୀୟମାନ। ମନ୍ଦିରର ଭଦ୍ର ମଣ୍ଡପରେ କାଷ୍ଠ ନିର୍ମିତ ଚାନ୍ଦୁଆ ଓ ପଣସୁଆ ଶୋଭା ପାଉଛି। ଛାତର ନିମ୍ନ ଭାଗରେ ଦଶ ମହାବିଦ୍ୟା, ଦଶ ଦିଗପାଳ, ନବଗ୍ରହ, ସହିତ ରାମାୟଣ ଓ ମହାଭାରତର ବିଭିନ୍ନ କଥାବସ୍ତୁ, ତତ୍ ସହିତ ଲତା ପୁଷ୍ପ, ଜୀବଜନ୍ତୁ ଆଦିର ନିଖୁଣ କାରୁକାର୍ଯ୍ୟ ଯେ କୌଣସି ଭକ୍ତର ଚିତ୍ତ ହରଣ କରେ। ରଥର ତିନି ପାର୍ଶ୍ୱରେ ମାର୍ତ୍ତଣ୍ଡ ଭୈରବ, ବିଶ୍ୱବ୍ୟାପକ, ସେନାନ୍ୟେଷ ରହିଛନ୍ତି। ଦ୍ୱାରପାଳ ଭାବରେ ମାଠର ଓ ଦଣ୍ଡ ପିଙ୍ଗଳ ବିଦ୍ୟମାନ। ରଥ ଗର୍ଭରେ ବ୍ରହ୍ମା ଅଧିଷ୍ଠାନ କରନ୍ତି।

ଉକ୍ତ ମନ୍ଦିରରେ ସୂର୍ଯ୍ୟଙ୍କ ପୂଜା ଆଡ଼ମ୍ବରରେ ପାଳିତ ହୁଏ। ପ୍ରତିବର୍ଷ ମାଘ ଶୁକ୍ଳ ସପ୍ତମୀ ଦିନ ଏଠାରେ ତ୍ରିକାଳ ପୂଜା, ଅବକାଶ, ବେଶ, ପୂଜା ହୋମ କରାଯାଇଥାଏ। ପ୍ରାତଃ କାଳରୁ ଅବକାଶ ନୀତି ସରିବା ପରେ ସ୍ୱତନ୍ତ୍ର ବେଶ ଓ ପୂଜା ଅନୁଷ୍ଠିତ ହୁଏ। ମନ୍ଦିରର ଶୋତ୍ରୀୟ ପଣ୍ଡିତମାନଙ୍କ ଦ୍ୱାରା ପୂର୍ବାହ୍ନରେ ପୂଜା, ହୋମ ଓ ରଥପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ ହୁଏ। ଅପରାହ୍ନରେ ମନ୍ଦିରରେ ଥିବା ଦାରୁ ବିଗ୍ରହଙ୍କୁ ରଥରେ ବିଜେ କରାଇ ନାନାବିଧ ବାଦ୍ୟବାଜଣା ସହ ବିରାଟ ପଟୁଆରରେ ବଳଦେବ ସ୍ୱାମୀଙ୍କ ମନ୍ଦିର ପର୍ଯ୍ୟନ୍ତ ରଥ ଟଣାଯାଏ। ସେଠାରେ ଶ୍ରୀବିଗ୍ରହଙ୍କୁ ଆଳତୀ ଓ ପୂଜା ଅନୁଷ୍ଠିତ ହେଲାପରେ ଭକ୍ତମାନଙ୍କୁ ଦର୍ଶନ ଦେଇ ବିଳମ୍ବିତ ରାତ୍ରରେ ପୁନର୍ବାର ମନ୍ଦିରକୁ ଅଣାଯାଏ। ଉକ୍ତ ଦିନ ମନ୍ଦିର ପରିସରରେ ଥିବା ବାମ୍ଫି ଜଳରେ ଭକ୍ତ ମାନେ ମାନସିକ କରି ପୂଜା କରିବା ସହ ସ୍ନାନ କରିଥାନ୍ତି। ବିଶ୍ୱାସ ରହିଛି ଯେ କୌଣସି ଚର୍ମ ରୋଗୀ ଏହି ବାମ୍ଫୀ ଜଳରେ ସ୍ନାନ କଲେ ଭଲ ହୋଇଥାଏ। ମାନସିକ କରି ଠାକୁରଙ୍କୁ ବିଞ୍ଚଣା, ବିରି, ବାଇଗଣ, ଛାଞ୍ଚୁଣୀ, ଚାଉଳ ଆଦି ଦିଆଯାଏ।

କୋଣାର୍କ ବ୍ୟତୀତ କେବଳ ଏହି କ୍ଷେତ୍ରରେ ତିଳ ସପ୍ତମୀ ଦିନ ରଥ ଯାତ୍ରା ଅନୁଷ୍ଠିତ ହୋଇଥାଏ। ପୁରୀ ଶ୍ରୀମନ୍ଦିର ବେଢାରେ ଥିବା ସୂର୍ଯ୍ୟ ମନ୍ଦିର, ଭଦ୍ରକ ପାଳିଆ ଠାରେ ଥିବା ବିରଞ୍ଚି ମନ୍ଦିରରେ ମଧ୍ୟ କେବଳ ପୂଜା ବିଧି କରାଯାଏ। ଏ ସମସ୍ତ ବିଷୟକୁ ତାତ୍ତ୍ୱିକ ଅନୁଶୀଳନ କଲେ ଜଣାଯାଏ ଯେ ଉଭୟ ଆଧାତ୍ମିକ ଓ ବୈଜ୍ଞାନିକ ଦୃଷ୍ଟିରୁ ସୂର୍ଯ୍ୟଙ୍କ ପୂଜା ଅବଶ୍ୟ କର୍ତ୍ତବ୍ୟ। ସୂର୍ଯ୍ୟ ସୃଷ୍ଟି ସ୍ଥିତି ପ୍ରଳୟର କାରଣ। ତାଙ୍କରି ବିନା ଏ ଜୀବଜଗତର ମଣିଷ ତିଷ୍ଠିବା କଷ୍ଟକର। ସୂର୍ଯ୍ୟ ହିଁ ମେଘ ସୃଷ୍ଟିକାରୀ। ଶାସ୍ତ୍ରରେ କୁହାଯାଇଛି ଆଦିତ୍ୟାଦ୍ ଜାୟତେ ବୃଷ୍ଟି ବୃଷ୍ଟିରନ୍ନମ୍ ତଥା ପ୍ରଜା। ପ୍ରେରଣାଦାତା, ଭାବରେ ସୂର୍ଯ୍ୟ ଗ୍ରହଣୀୟ। ତେଣୁ ସୂର୍ଯ୍ୟଙ୍କ ଉପାସନା ଆମ ସଂସ୍କୃତିରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି ଦୃଢ ଭାବେ ଘୋଷଣା କରାଯାଇପାରେ।

**ବୈଷ୍ଣବ ଚରଣ ଦାଶ (ଗବେଷକ),**
**ବୀରଧନଞ୍ଜୟପୁର, ବୁଗୁଡ଼ା, ଗଞ୍ଜାମ,**
**ମୋ-୯୭୭୬୫୩୪୯୩୦**

■ ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଜଙ୍କଫୁଡ୍ ଓ ମେଦବହୁଳତା

ଡାକ୍ତର ଶୁଭଶ୍ରୀ ମିଶ୍ର

**ଇଂଲଣ୍ଡରେ ଜଙ୍କଫୁଡ୍ ବିଜ୍ଞାପନ ଉପରେ କଟକଣା ଜାରି ହୋଇଛି। ଏହା ଅଳ୍ପେ ବହୁତେ ସମସ୍ତ ଜାଣନ୍ତି ଯେ ଜଙ୍କଫୁଡ୍ ବାସ୍ତବରେ ଲବଣ, ଶର୍କରା ଓ ଚର୍ବିରେ ଭରପୁର। ଏହି ପାଟି ଟକଳା ଜିନିଷରେ କିନ୍ତୁ ଖାଦ୍ୟସାର ଅତି କମ ପରିମାଣର ଥାଏ। ବଡ଼ କଥା ହେଉଛି ଏ ସବୁର ବିଜ୍ଞାପନ ପିଲାମାନଙ୍କ ଠାରୁ ଆରମ୍ଭ କରି ବଡ଼ ମାନଙ୍କ ଉପରେ ମଧ୍ୟ ପକାଇଥାଏ।**





ମେଦବହୁଳତା ଆମ ସ୍ୱାସ୍ଥ୍ୟ ପାଇଁ କେତେ ହାନିକାରକ ତାହା ସମସ୍ତେ ଅଳ୍ପେ ବହୁତ ଅନୁଭବ କରିଥାନ୍ତି। ଆବଶ୍ୟକତା ଠାରୁ ଅଧିକ ତୈଳଯୁକ୍ତ, ଅଧିକ କ୍ୟାଲୋରୀ ଥିବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବା ଏହି ମେଦବହୁଳତାର ମୁଖ୍ୟ କାରଣ। କେବଳ ବୟସ୍କ ନୁହନ୍ତି, ଛୋଟପିଲାଙ୍କ ଠାରୁ ଯୁବକ ଓ ମହିଳା ମାନେ ଏପରି ସମସ୍ୟାରେ ଭାରାକ୍ରାନ୍ତ। ଯୁବବର୍ଗଙ୍କ ଭିତରେ ବିଭିନ୍ନ ପ୍ରକାର ଖାଦ୍ୟ ଯଥା ଚାଟ୍, ରୋଲ, ଚାଓମିନ୍, ଆଇସକ୍ରିମ୍ ଆଦି ଖାଇବାକୁ ଆଗ୍ରହ ବଢ଼ିବା ସହ ତଥାକଥିତ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଏହାର ପ୍ରମୁଖ କାରଣ। ଆଉ ଏଭଳି ଖାଦ୍ୟ ଧୀରେ ଧୀରେ ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯାଏ । ଫଳରେ ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ସେମାନେ । କେବଳ ସେତିକି ନୁହେଁ ମେଦବହୁଳତା କାରଣରୁ ହୃଦ୍‌ଜନିତ ସମସ୍ୟା, ଆଣ୍ଠୁଗଣ୍ଠି ଜନିତ ସମସ୍ୟା, ପିଠି ଯନ୍ତ୍ରଣା ଦେଖାଯିବାର ଆଶଙ୍କା ରହିଛି । ନିକଟରେ ଏସୀୟ ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣରୁ ଜଣା ପଡ଼ିଛି ଯେ ଅଧିକାଂଶ ମହିଳା ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ କମ୍ ଦେଇ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ଦେଇଥାଆନ୍ତି । ମୃଦୁପାନୀୟ ଓ ବିଭିନ୍ନ ପ୍ରକାର ନିଶାଯୁକ୍ତ ପାନୀୟ ମଧ୍ୟ ମେଦବହୁଳତାର ଗୁରୁତ୍ୱପୂର୍ଣ୍ଣ କାରଣ। ସେହିପରି ବର୍ତ୍ତମାନ ହାତପାହାନ୍ତାରେ ସୂଚନାପ୍ରଯୁକ୍ତିର ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ହେଉଥିବାରୁ ସାଧାରଣରେ ଯୋଗ, ପ୍ରାଣାୟମ ଓ ଉପଯୁକ୍ତ ବିଶ୍ରାମକୁ ଅଧିକାଂଶ ଗୁରୁତ୍ୱ ପ୍ରଦାନ କରୁନାହାନ୍ତି।

ବିଳମ୍ବରେ ହେଉ ବରଂ ଇଂଲଣ୍ଡରେ ଜଙ୍କଫୁଡ୍ ବିଜ୍ଞାପନ ଉପରେ କଟକଣା ବାସ୍ତବିକ ଶିକ୍ଷଣୀୟ। ସେଥିଲାଗି ରାତି ୯ଟା ଆଗରୁ ଟେଲିଭିଜନରେ ଏବଂ ଅନ୍‌ଲାଇନ୍‌ରେ ଆଦୌ ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ପାନୀୟ ସମ୍ବନ୍ଧୀୟ ବିଜ୍ଞାପନ ପ୍ରସାରଣ କରାଯାଇପାରିବ ନାହିଁ ବୋଲି ଇଂଲଣ୍ଡର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ନିୟମ କରିଛି। ବିଶ୍ୱରେ ପ୍ରଥମ କରି ଏତାଦୃଶ୍ୟ କଠୋର ନିୟମ ପ୍ରଣୟନ କରି ଇଂଲଣ୍ଡ ସରକାର ପ୍ରତି ବର୍ଷ ପିଲାମାନଙ୍କ ଭୋଜନରୁ ୨.୭ ନିୟୁତ ଯାଏ କ୍ୟାଲୋରି ହଟାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ତେଣୁ, ସବୁ ପ୍ରକାର ସ୍ୟାଣ୍ଡଉଇଜ, ପ୍ରେଟଜେଲ, ପୋରିଜ, ଓଟସ୍ ଓ ମ୍ୟୁକଲି ଆଦି ସକାଳ ଜଳଖିଆ ଉପରେ ଏହି କଟକଣା ଲାଗୁ କରାଯାଇଛି। ଏହାଦ୍ୱାରା ମେଦବହୁଳ ପିଲାଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ। ମେଦବହୁଳତା ପରି ସ୍ୱାସ୍ଥ୍ୟ ସମସ୍ୟା ସହରୀକରଣ, ଜଗତୀକରଣ ଓ ଉଦ୍ୟୋଗୀକରଣ ଯୁଗର ନିୟମିତ ଧାରାରେ ପରିଣତ ହୋଇଛି। ଭାରତ ପରି ବିକାଶଶୀଳ ଦେଶମାନେ ନିଜ ଖାଦ୍ୟ ନୀତିରେ ସଂସ୍କାର ନଆଣିଲେ ଦେଶ ଧନୀ ହେବା ଆଗରୁ ରୋଗୀଣା ହୋଇଯିବାର ଆଶଙ୍କା ସୃଷ୍ଟି ହେଲାଣି। ୟୁନିସେଫ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ବିଶ୍ୱ ବ୍ୟାଙ୍କର ମିଳିତ ଅନୁସନ୍ଧାନରୁ ଜଣାପଡ଼ିଛି ମେଦ ବହୁଳତା ସାରା ବିଶ୍ୱରେ ବଢୁଛି। ପୃଥିବୀର ଅର୍ଦ୍ଧେକ ଅଧିକ ଓଜନର ଶିଶୁ ଅଛନ୍ତି ଏସିଆ ମହାଦେଶରେ, ଏକଚତୁର୍ଥାଂଶ ଅଛନ୍ତି ଆଫ୍ରିକାରେ। ପରିସଂଖ୍ୟାନରୁ ଜଣାପଡ଼ିଛି, ବିକାଶଶୀଳ ଦେଶରେ ସହରମାନଙ୍କରେ ମେଦବହୁଳ ଲୋକଙ୍କ ସଂଖ୍ୟା ବଢୁଛି। ସହଜ ଖାଦ୍ୟ ଉପଲବ୍ଧିତା ଏହାର ମୁଖ୍ୟ କାରଣ। ଭାରତର ଜାତୀୟ ପୁଷ୍ଟି ଅନୁଷ୍ଠାନର ତଥ୍ୟ ଅନୁଯାୟୀ ଭାରତର ସହର ଗୁଡ଼ିକରେ ଏକ ଚତୁର୍ଥାଂଶ ପୁରୁଷ ଓ ଅର୍ଦ୍ଧାଧିକ ମହିଳା ମୋଟା। ଏସିଆ ଓ ଆଫ୍ରିକା ମହାଦେଶରେ ବର୍ତ୍ତମାନ ସର୍ବାଧିକ ସହରୀକରଣ ଚାଲିଛି। ଗ୍ରାମାଞ୍ଚଳରୁ ଲୋକମାନେ ସହରକୁ ଆସୁଛନ୍ତି। ସହରରେ ସହଜରେ ସେମାନଙ୍କୁ ପ୍ରକ୍ରିୟାକୃତ ଖାଦ୍ୟ ଏବଂ ଫାଷ୍ଟଫୁଡ୍ ଉପଲବ୍ଧ ହେଉଛି। ଏହା ସେମାନଙ୍କର ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସର କାରଣ ହେଉଛି। କ୍ଷୁଧା ଶେଷ କରିବା ପାଇଁ ସରକାରମାନଙ୍କର ପ୍ରଚେଷ୍ଟା ଆଗରେ ମେଦ ବହୁଳତା ଏକ ଆହ୍ୱାନ ସଦୃଶ ଉଭା ହୋଇଛି। ସହରକୁ ସୁବିଧାଜନକ କରିବା ନିମନ୍ତେ ସରକାରଙ୍କ ବ୍ୟବସ୍ଥା ସହରବାସୀଙ୍କୁ ମେଦବହୁଳ କରିଦେଉଛି। ଆଗାମୀ ଦିନରେ ବଡ଼ ସମସ୍ୟା ହେବାକୁ ଯାଉଥିବା ଏହି ସମସ୍ୟାର ଉପଯୁକ୍ତ ପରିଚାଳନା ପାଇଁ ଦୃଢ଼ ନୀତି ଆବଶ୍ୟକ।

ବିକାଶଶୀଳ ଦେଶଗୁଡ଼ିକର ସହରରେ ପ୍ରକ୍ରିୟାକୃତ ଖାଦ୍ୟ, ତେଲଛଣା ଖାଦ୍ୟ, ଫାଷ୍ଟଫୁଡ୍ ଏବଂ ଅନ୍ତଃରାଷ୍ଟ୍ରୀୟ ଚେନ୍ ଗୁଡ଼ିକର ବ୍ୟବସାୟ କାୟା ବିସ୍ତାର କରୁଛି। ଏହା ପାରମ୍ପରିକ ସ୍ୱାସ୍ଥ୍ୟକର ଖାଦ୍ୟାଭାସରୁ ମଣିଷକୁ ଦୂରେଇ ନେଉଛି। ଏଥିସହ ସହରୀ ଜୀବନରେ ଶାରୀରିକ ପରିଶ୍ରମ ତୁଳାନାତ୍ମକ ଭାବରେ କମ୍। ଅବସର ବିନୋଦନ ପାଇଁ ଟେଲିଭିଜନ, ସିନେମା ଓ ଭିଡ଼ିଓ ଗେମ୍ ଉପରେ ଅଧିକ ନିର୍ଭରଶୀଳ ଲୋକମାନେ। ଅଧିକାଂଶ ଘରେ ଏସବୁ ସୁବିଧା ଉପଲବ୍ଧ। କିନ୍ତୁ ଏହାର ସବୁଠାରୁ ଉଦ୍‌ବେଗଜନକ ପରିଣାମ ହେଉଛି ବିକାଶଶୀଳ ଦେଶମାନେ ଧନୀ ହେବା ପୂର୍ବରୁ ରୋଗୀଣା ହୋଇଯିବାର ଆଶଙ୍କା। କାରଣ ଏହି ସ୍ୱାସ୍ଥ୍ୟ ସମସ୍ୟା କ୍ରମେ ବିକାଶଶୀଳ ଦେଶଗୁଡ଼ିକର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଧରାଶାୟୀ କରିଦେବ। କେତେକ ଦେଶରେ ସରକାର ମେଦବହୁଳତାକୁ ରୋକିବା ପାଇଁ ପରୀକ୍ଷାମୂଳକ ଭାବରେ କିଛି ପଦକ୍ଷେପ ନେଇଛନ୍ତି। ଉଦାହରଣ ସ୍ୱରୂପ ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ପାନୀୟ ଉପରେ କର ବ୍ୟବସ୍ଥା। ଆମେରିକା ସରକାର ସୋଡ଼ା କର ଅଭିଯାନ ଆରମ୍ଭ କରିଛନ୍ତି। ଥାଇଲାଣ୍ଡ, ବ୍ରୁନେଇ ଓ ସିଙ୍ଗାପୁର ସମାନ ପଦକ୍ଷେପ ନେଇଛନ୍ତି। ଦୁଇହଜାର ଅଠର ଏପ୍ରିଲରୁ ଦକ୍ଷିଣ ଆଫ୍ରିକା ସରକାର ଚିନି କର ଲାଗୁ କରିବାର ନିଷ୍ପତ୍ତି ନେଇଛନ୍ତି। ବ୍ରିଟେନରେ ଅଧିକ ଫ୍ୟାଟ, ଲୁଣ ଓ ଚିନି ଥିବା ଖାଦ୍ୟ ଷୋହଳ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ବିକ୍ରି କରାଯିବା ଉପରେ କଟକଣା ଜାରି କରାଯାଇଛି। କାଲିଫର୍ଣ୍ଣିଆର ବର୍କଲେ ସହରକୁ ପଦାଚାରୀ ଓ ସାଇକେଲ ଆରୋହୀଙ୍କ ପାଇଁ ସହଯୋଗୀ କରାଯାଇଛି କେବଳ ମେଦହବୁଳତାକୁ ଆଖିରେ ରଖି। ଅସ୍ୱାସ୍ଥ୍ୟକର ଖାଦ୍ୟ ଉପରେ ଆଇନ ଦ୍ୱାରା ନିୟନ୍ତ୍ରଣ ରଖି ଏବଂ ସ୍ୱାସ୍ଥ୍ୟକର ଖାଦ୍ୟାଭାସ ଉପରେ ସଚେତନତା ସୃଷ୍ଟି ଦ୍ୱାରା ମେଦବହୁଳତା ପରି ଘାତକ ଦୀର୍ଘସୂତ୍ରୀ ସମସ୍ୟାର ସମାଧାନ କରାଯାଇପାରେ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ବିକାଶଶୀଳ ଦେଶମାନଙ୍କରେ ଉଭୟ ସାମାଜିକ ଓ ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିୟମ ପ୍ରଚଳନ କରିବା ଏ ଦିଗରେ ବିଶେଷ ଲାଭଦାୟୀ ହୋଇପାରିବ।

ସମ୍ପ୍ରତି ଭାରତ ଭଳି ଅନେକ ଦେଶରେ ଚର୍ବିଳ, ଲବଣାକ୍ତ, ଶର୍କରାଯୁକ୍ତ ଖାଦ୍ୟ ଦ୍ରବ୍ୟ ଏବଂ ପ୍ୟାକେଟହୋଇ ବିକ୍ରୟ ହେଉଥିବା ଚିପସ୍, କୁକୁଜ, କ୍ରାକର, କ୍ୟାଣ୍ଡି, ବକ୍ସଡ଼ ମାକାରୋନି, ଚିଜ୍ ଆଦି ଅନେକ କିସମ ଖାଦ୍ୟ ଦୈନନ୍ଦିନ ଆହାର ତାଲିକାଭୁକ୍ତ ହୋଇଗଲାଣି। କେବଳ ସେତିକି ନୁହେଁ, ଦିନକୁ ଦିନ ଏସବୁ ପ୍ରାକ ପ୍ରସ୍ତୁତ ଭୋଜନ ଚାହିଦା ଦ୍ରୁତ ଗତିରେ ବଢ଼ି ବଢ଼ି ଚାଲିଛି। ଏ କ୍ଷେତ୍ରରେ ଇଂଲଣ୍ଡ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତାହାକୁ ସତର୍କ ସୂଚନା ଭାବେ ବିବେଚନା କରାଯାଇପାରେ। ୨୦୨୩ରେ ପ୍ରକାଶିତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟ ମଧ୍ୟ ଦର୍ଶାଉଛି ଯେ ୨୦୦୬ରେ ପ୍ରାୟ ୯୦ କୋଟି ଡଲାର ମୂଲ୍ୟ ଥିବା ଭାରତର ପ୍ରକ୍ରିୟାକୃତ ଖାଦ୍ୟ ବଜାର ୨୦୧୯ ସୁଦ୍ଧା ୩୭୯୦ କୋଟି ଡଲାରକୁ ବୃଦ୍ଧି ପାଇଛି। ଅର୍ଥାତ୍ ଏହାର ବାର୍ଷିକ ବୃଦ୍ଧି ହାର ୩୩ ପ୍ରତିଶତରୁ ଅଧିକ। ପୁନଶ୍ଚ ୨୦୨୪-୨୫ ବର୍ଷର ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ମଧ୍ୟ ସାବଧାନ କରାଇ ଦେଇଛି ଯେ ଭାରତ ତାର ପିଲାମାନଙ୍କ ଶରୀରିକ ମାନସିକ ଓ ଆବେଗିକ ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ଉଚିତ। ଗତ ବର୍ଷ ଭାରତ ସରକାରଙ୍କ ଜଙ୍କଫୁଡ୍ ଉପରେ ନିୟମାବଳୀ ପାଇଁ ବିଭିନ୍ନ ପର୍ଯ୍ୟାୟର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ ମଧ୍ୟ ଏଯାବତ୍ କୌଣସି ନିୟମାବଳୀ ପ୍ରଣୟନ ହୋଇପାରି ନାହିଁ। ସବୁଠାରୁ ବଡ଼ କଥା ହେଉଛି ଏଯାବତ୍ ଏହି ଜଙ୍କଫୁଡ୍‌ର ସଂଜ୍ଞାଟି ବାସ୍ତବରେ କ'ଣ ଏଥି ନିମିତ୍ତ ଗତବର୍ଷ 'ଫୁଡ୍ ସେଫ୍‌ଟି ଆଣ୍ଡ ଷ୍ଟାଣ୍ଡାର୍ଡ଼ସ୍ ଅଥରିଟି ଅଫ୍ ଇଣ୍ଡିଆ' 'ଇଣ୍ଡିଆନ କାଉନସିଲ ଅଫ୍ ମେଡ଼ିକାଲ ରିସର୍ଚ୍ଚ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ ନ୍ୟୁଟ୍ରିସନ୍' ଦ୍ୱାରା ନିର୍ଦ୍ଧାରିତ ମାନକ ଗୃହୀତ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲା। ଉପରୋକ୍ତ ଖାଦ୍ୟଦ୍ରବ୍ୟ କାରଣରୁ ସାଂଘାତିକ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ରାଷ୍ଟ୍ରମାନେ ସଂସ୍କାରମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ଆଗରୁ ଭାରତ ମଧ୍ୟ ଏତାଦୃଶ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ମତ ପ୍ରକାଶ ପାଉଛି।



ବିଶ୍ୱ ପୁଷ୍ଟି ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ସାରା ଦେଶରେ ଚାଲିଥିବା ବିକାଶ ଧାରା ନିମନ୍ତେ ମେଦବହୁଳତା ସବୁଠାରୁ ବଡ଼ ପ୍ରତିବନ୍ଧକ ହୋଇ ଉଭା ହୋଇପାରେ। ସବୁବେଳେ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ସବୁଜ ଓ ତଟକା ପନିପରିବା ଓ ଫଳକୁ ନିଜ ଖାଦ୍ୟ ତାଲିକାରେ ଗୁରୁତ୍ୱ ଦେବା ଜରୁରୀ। ବଜାରର ତଥାକଥିତ ଫାଷ୍ଟଫୁଡ୍ ଠାରୁ ଫ୍ରିଜ୍‌ର ଅଣ୍ଡାଖାଦ୍ୟ, ଚକୋଲେଟ୍, ମିଠା, ମାଦକଦ୍ରବ୍ୟ ଓ ଥଣ୍ଡା ପାନୀୟ ଠାରୁ ଯେତେ ସମ୍ଭବ ଦୂରେଇ ରହିବା ନିଶ୍ଚିତ ଭାବରେ ଭଲ। କଠିନ ପରିଶ୍ରମ ହିଁ ମେଦ ବହୁଳତା ରୋଗରୁ ରକ୍ଷା ପାଇବାର ଶ୍ରେଷ୍ଠ ମାଧ୍ୟମ ।

**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ,**
E-mail :
drsubhashreemishra890@gmail.com

ମହକ

# ଓଡିଶାର ବୁଲ୍‌ବୁଲ୍-ଅମର ନାରୀ ପ୍ରତିଭା
# ଡା. କୁନ୍ତଳା କୁମାରୀ ସାବତ

ଭାରତ ସ୍ୱାଧୀନ ହେବା ପୂର୍ବରୁ ଯେତେବେଳେ ରକ୍ଷଣଶୀଳ ସମାଜରେ ନାରୀମାନଙ୍କ ପାଠପଢ଼ିବା କିମ୍ବା ସେଥିପାଇଁ ଅନୁମତି ମିଳିବା କଷ୍ଟକର ବେପାର ଥିଲା। ସେହି ସମୟରେ ଯେଉଁ କେତେଜଣ ନାରୀକବି, ଲେଖିକା, ସମାଜସେବୀ, ସ୍ୱାଧୀନତା ସଂଗ୍ରାମୀଙ୍କର ଆବିର୍ଭାବ ହୋଇଥିଲା, ସେମାନଙ୍କ ମଧ୍ୟରୁ ମହୀୟସୀ ମହିଳା ଓଡ଼ିଶାର ବୁଲ୍‌ବୁଲ୍ ବା ନାଇଟ୍ ଏଙ୍ଗଲ୍ ଅଫ୍ ଓଡ଼ିଶା ଡାକ୍ତର କୁନ୍ତଳା କୁମାରୀ ସାବତ ଅନ୍ୟତମ। ସେ ଥିଲେ ଏକାଧାରରେ ଜଣେ କବି, ସଂସ୍କାରକ, ସମାଜସେବୀ, ସ୍ୱାଧୀନତା ସଂଗ୍ରାମର ଅଗ୍ରଣୀ ମହିୟସୀ, ନେତ୍ରୀ, ସଙ୍ଗଠକ। ଉତ୍କଳର ଅନ୍ୟତମ ଦୀପଶିଖାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରି କ୍ରାନ୍ତିକାରୀ କବି ପଦ୍ମଶ୍ରୀ ସଚ୍ଚି ରାଉତରାୟ ଲେଖିଯାଇଛନ୍ତି:

**‘ନୁହେଁ ସେ ତ ଖାଲି ନାରୀ, ଖାଲି ମାତା, ଅବା ଖାଲି କବି, ଜାତୀୟ ସମରେ ସେ ଯେ ଅଗ୍ରଗାମୀ, ତୋଳିଛି ଭୈରବୀ ।**
**ଆଗେ ଧରିଛି ସେ ଅସି, ପଛେ ସିନା ଧରିଚି ଲେଖନୀ,**
**ତେଣୁ ତା’ର ପ୍ରତି ଗାନେ ଥରିଉଠେ ଦେଶର ଧମନୀ ।’**
(ସ୍ଫୁଲିଙ୍ଗର କବି ନାହିଁ ଆଜ)

୧୯୦୧ ମସିହା ଫେବୃଆରୀ ୮ ତାରିଖରେ ବସ୍ତର ରାଜ୍ୟ (ବର୍ତ୍ତମାନ ଛତିଶଗଡ଼ର ବସ୍ତର ଜିଲା)ର ଜଗଦଳପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଡାନିଏଲ ସାବତ, ସେ ପେସାରେ ଡାକ୍ତର ଥିଲେ। ତାଙ୍କର ମାତାଙ୍କ ନାମ ମୋନିକା ସାବତ। ତାଙ୍କ ପିତାମହ ପୁରୀ ଜିଲାର ଦାଣ୍ଡମୁକୁନ୍ଦପୁରର ବାସିନ୍ଦା ଥିଲେ। କୌଣସି କାରଣବଶତଃ ତାଙ୍କ ପିତା ବସ୍ତର ଜିଲାକୁ ଚାଲି ଯାଇଥିଲେ ଓ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ। ତାଙ୍କ ଜନ୍ମର ଅଳ୍ପଦିନ ପରେ ତାଙ୍କ ପରିବାର ବର୍ମା (ରେଙ୍ଗୁନ) ଚାଲି ଯାଇଥିଲେ ଓ କୁନ୍ତଳାଙ୍କୁ ୧୪ ବର୍ଷ ହେବା ପର୍ଯ୍ୟନ୍ତ ସେଠାରେ ଥିଲେ। ବର୍ମାରେ ଥିବା ବେଳେ ତାଙ୍କ ବାପା ତାଙ୍କ ମାଉସୀଙ୍କୁ ପୁନଃବିବାହ କରିଥିଲେ ଏବଂ କୁନ୍ତଳା ତାଙ୍କ ମା’ଙ୍କ ସହ ଓଡ଼ିଶା ଫେରି ଖୋର୍ଦ୍ଧାରେ ବସବାସ କରିଥିଲେ। କୁନ୍ତଳା କୁମାରୀଙ୍କ ଦୁଇ ଭାଇ ସାମୁଏଲ୍ ଓ ନିଥାନିଏଲ୍ ଖୋର୍ଦ୍ଧା ହାଇସ୍କୁଲରେ ପଢୁଥିଲେ। ସେତେବେଳେ ତାଙ୍କ ମା’ଙ୍କ ଦୃଢ଼ମନା ଏବଂ ପ୍ରେରଣାରୁ ସେ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନର ସୁଯୋଗ ପାଇଥିଲେ। ପରେ କଟକସ୍ଥିତ ଓଡ଼ିଶା ମେଡିକାଲ ସ୍କୁଲ (ବର୍ତ୍ତମାନ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ)ରେ ଡାକ୍ତରୀ ଶିକ୍ଷାଲାଭ କରିଥିଲେ। କୁନ୍ତଳା ୧୯୨୧ ମସିହାରେ ସ୍ୱର୍ଣ୍ଣ ପଦକ ସହ ଏଲ୍‌ଏମ୍‌ପି (ଲିସେଣ୍ଟିଏଟ୍ ମେଡିକାଲ ପ୍ରାକ୍ଟିସନର) ଡିଗ୍ରୀ ହାସଲ କରିଥିଲେ। ସେ ସମୟରେ ନାରୀ ଶିକ୍ଷା ଆଦୌ ନଥିଲା। ଏହି ଶିକ୍ଷା ତାଙ୍କ ମାଆଙ୍କର ଅଦମ୍ୟ ଇଚ୍ଛା ଯୋଗୁ ସମ୍ଭବ ହୋଇଥିଲା। ଓଡ଼ିଆ ଭାଷା ଛଡ଼ା ସେ ବଙ୍ଗଳା, ଇଂଲିଶ, ହିନ୍ଦୀ ଓ ବର୍ମାର ଭାଷା ଜାଣି ଥିଲେ।

ଡାକ୍ତରୀ ପାଠ ଶେଷ କରିବା ପରେ ସରକାରୀ ଚାକିରୀରେ ଯୋଗ ନଦେଇ ନିଜେ ସ୍ୱାଧୀନ ଭାବରେ ଚିକିତ୍ସା କରିବାକୁ ସ୍ଥିର କରିଥିଲେ ଏବଂ ଡାକ୍ତର କୈଳାସ ଚନ୍ଦ୍ର ରାଓଙ୍କ ତତ୍ତ୍ୱାବଧାନରେ କଟକରେ ଚିକିତ୍ସା ସେବା ୧୯୨୧ରୁ ୧୯୨୮ ପର୍ଯ୍ୟନ୍ତ ଜାରି ରଖିଥିଲେ। ସେ ସମୟରେ ସେ ତାଙ୍କର ଗୁରୁ କୈଳାସଚନ୍ଦ୍ରଙ୍କ ପ୍ରତି ଅନୁରାଗୀ ଥିଲେ ଓ ତାଙ୍କୁ ନେଇ କବିତା ଲେଖିବା ଆରମ୍ଭ କରିଥିଲେ। ପରେ ଡ. କୈଳାସଙ୍କ ସହାୟତାରେ ତାଙ୍କର ‘ତାରା ପ୍ରତି’ ଶୀର୍ଷକ ଏକ କବିତା ଉତ୍କଳ ସାହିତ୍ୟରେ ପ୍ରକାଶ ପାଇଲା ଏବଂ ପରେପରେ ଶେଫାଳି ପ୍ରତି, କମଳ ପ୍ରତି ଆଦି ପ୍ରକାଶ ପାଇଥିଲା, ଯାହାଦ୍ୱାରା ତାଙ୍କୁ ଅନେକ ପ୍ରଶଂସା ମଧ୍ୟ ମିଳିଥିଲା। ଯେହେତୁ ତାଙ୍କ ପିତା ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ ତେଣୁ ସେ ଡ. କୈଳାସ ଚନ୍ଦ୍ରଙ୍କୁ ବିବାହ କରିବା ନିମନ୍ତେ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ ମଧ ତାଙ୍କର ବିବାହ ହୋଇ ପାରି ନଥିଲା ଯଦିଓ ତାହା ପ୍ରେମ ନୁହେଁ ସମର୍ପଣ ଥିଲା। ତା’ପରେ ସେ ଦିଲ୍ଲୀରେ ସେ ଆର୍ଯ୍ୟ ଧର୍ମ ଗ୍ରହଣ କରି କେନ୍ଦ୍ରାପଡା ସଦର ମହକୁମାର ଛଅ ନମ୍ବର୍ ୱାର୍ଡ଼ ନସଡିପୁରର ବ୍ରହ୍ମଚାରୀ କୃଷ୍ଣ ଚନ୍ଦ୍ର ଦାସଙ୍କୁ ୮ ଅଗଷ୍ଟ ୧୯୨୮ ମସିହାରେ ବିବାହ କରିଥିଲେ। ଏହି ଦମ୍ପତ୍ତି ଦୁଇ ପୁତ୍ର ଓ ଏକ କନ୍ୟା (ଉତ୍କଳ କୁମାରୀ )ପ୍ରାପ୍ତ କରିଥିଲେ।



ସେ ସମୟରେ ଘୃଣ୍ୟ ଜାତିପ୍ରଥା, ପରଦା ପ୍ରଥା, ବାଲ୍ୟ ବିବାହ ଓ ମହିଳା ପ୍ରଭେଦ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରି ଅନେକ କାଳଜୟୀ କବିତା ଲେଖିଥିଲେ। ଏହା ବ୍ୟତୀତ ସେ ଅନେକ ଦେଶାତ୍ମବୋଧକ କବିତା ରଚନା କରିଥିଲେ। ବିଧବା ବିବାହ ଓ ନାରୀ ସଶକ୍ତିକରଣ ନିମନ୍ତେ ବିଭିନ୍ନ କାର୍ଯ୍ୟ କରିବା ସହ ଏକୁ ନେଇ ସେ ଅନେକ କବିତାମାନ ରଚନା କରିଥିଲେ। ଓଡ଼ିଆରେ କବିତା, ଉପନ୍ୟାସ ଆଦି ଲେଖିବା ସହ ସେ ହିନ୍ଦୀ ସାହିତ୍ୟରେ ମଧ ଲେଖାଲେଖି କରୁଥିଲେ। ମହାବୀର, ଜୀବନ ଓ ନାରୀ ଭାରତୀ ଭଳି ହିନ୍ଦୀ ପତ୍ରିକାମାନଙ୍କର ସେ ସମ୍ପାଦିକା ଭାବରେ ମଧ କାର୍ଯ୍ୟ କରିଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ଆହ୍ଲାବାଦ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସେ ବକ୍ତୃତା ଦେବା ନିମନ୍ତେ ନିମନ୍ତ୍ରିତ ହୋଇଥିଲେ। ଓଡ଼ିଆ ଭାଷାର ଉନ୍ନତି କଳ୍ପେ ଦିଲ୍ଲୀରେ ସେ ଭାରତୀ ତପୋବନ ସଂଘ ନାମରେ ଏକ ସମିତି ଗଢ଼ିଥିଲେ। ତାଙ୍କର ଅନେକ ରଚନା ଇଂରାଜୀ ତଥା ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦିତ ହୋଇଛି ।

ଜଣେ ସାହିତ୍ୟ ସ୍ରଷ୍ଟା ଭାବେ ସମାଜର ଭଲ ମନ୍ଦ, ନାରୀ ଜୀବନର ବିବିଧତା, ସ୍ୱକୀୟ ଜୀବନ ଦର୍ଶନ, ଦେଶପ୍ରୀତି ତଥା ସମସାମୟିକ ସାଂସ୍କୃତିକ ଚିତ୍ର ପ୍ରଦାନର କୁନ୍ତଳା କୁମାରୀ ସାବତଙ୍କ କଥା ଭାଗ ତଥା କଥା ସାହିତ୍ୟ ଯଦି ଦେଖିବା ତା’ ସହ କବିତା ପର୍ବ, ଆଧୁନିକ ଓଡ଼ିଆ ସାହିତ୍ୟ ପରିପ୍ରକ୍ଷୀରେ ବେଶ୍ ଉଲ୍ଲେଖନୀୟ ବୋଲି ମନେ ହୁଅନ୍ତି।

କୁନ୍ତଳା କୁମାରୀ ସାବତଙ୍କ ପ୍ରଥମ କବିତା ହେଉଛି ‘ତାରା ପ୍ରତି’। ତାଙ୍କର ଆହୁରି କବିତା ଗୁଡ଼ିକ ହେଲା ଅଞ୍ଜଳି, ଉଚ୍ଛ୍ୱାସ, ଅର୍ଚ୍ଚନା, ସ୍ଫୁଲିଙ୍ଗ , ଆହ୍ୱାନ, ଆଜି ବାପା ତୋତେ କହିବି କଥାଟି, ପ୍ରେମ ଚିନ୍ତାମଣି, ଓଡ଼ିଆଙ୍କ କାନ୍ଦଣା, ଗଡ଼ଜାତ କୃଷକ, ଶେଫାଳି ପ୍ରତି, କୋଟିକୋଟି କଣ୍ଠେ ଆଜି ଅବହେଳିତ ଦେଶ, ପୂଜା, ଅଭିଶପ୍ତର ଅଭିମାନ, ମଣିକାଞ୍ଚନ (ସାବିତ୍ରୀ ଓ ସତ୍ୟବାନ ଉପାଖ୍ୟାନର ଅସମ୍ପୂର୍ଣ୍ଣ କାବ୍ୟ, ଯାହା କବୟିତ୍ରୀଙ୍କ ଜୀବନର ଆଦ୍ୟକାଳରେ ରଚିତ), ବନଫୁଲ, ଉଦ୍ୟାନକୁସୁମ ଆଦି। ତାଙ୍କ ଲେଖନୀ ନିଃସୃତ ଅଞ୍ଜଳି, ଅର୍ଚ୍ଚନା, ପ୍ରେମ ଚିନ୍ତାମଣି କାବ୍ୟ ଗ୍ରନ୍ଥରେ ଗଭୀର ଭାବବୋଧ, ସାଙ୍ଗିତିକତା, ଲାଳିତ୍ୟ, ଚମତ୍କାର ଆବେଗ ପ୍ରବଣତାରେ ଉତ୍ତୋଳିତ କରିଛନ୍ତି ତାଙ୍କ କାବ୍ୟଗୁଡ଼ିକୁ। ତାଙ୍କ ଲେଖନୀ ନିଃସୃତ ଅନ୍ୟ ଏକ ଉଚ୍ଛ୍ୱାସ କବିତା କବିଙ୍କ ପ୍ରକୃତି ପ୍ରୀତ ଦୃଷ୍ଟିଭଙ୍ଗୀକୁ ସମ୍ପ୍ରସାରିତ କରିଛି। ତାଙ୍କର ଅନ୍ୟ ଦୁଇ କବିତା ସ୍ଫୁଲିଙ୍ଗ ଓ ଆହ୍ୱାନରେ ଦେଶାତ୍ମଭାବନାବୋଧରେ ପ୍ରଜ୍ୱଳିତ। ‘ସ୍ଫୁଲିଙ୍ଗ ‘ପଢିଲା ବେଳେ ପ୍ରାଣରେ ଗୋଟିଏ ଭରସାମୟ ଆଶ୍ୱାସନାର ଭାବ ଜାଗ୍ରତ ହୁଏ। କବିଙ୍କ ମନ ଭାବନାରେ ପ୍ରତିଟି ମଣିଷ ତାଙ୍କର ଭାଇ। ସମଗ୍ର ମାନବ ଜାତିପାଇଁ କବିଙ୍କର ଏହି କେଇପଦ ଲେଖା କାଳଜୟୀ ଶିକ୍ଷା ପ୍ରଦାନ କରେ।

**‘ଶୁଣ ହେ ମଣିଷ ଭାଇ**
**ଝୁରି ମରିବାକୁ ବୁଡି ମରିବାକୁ**
**ମଣିଷ ଜନମି ନାହିଁ।**
**ଚିର ହତାଶରେ ସାରିବ ସଂସାର**
**ନିରାଶେ ନିଜେ ଅନ୍ଧାରେ**
**ଚିର ଶୃଙ୍ଖଳିତ, ଲାଞ୍ଛିତ, ବଞ୍ଚିତ**
**ପୀଡିତ କଷଣ କାରାରେ।**
**ଧ୍ୱଂସର ଯାତ୍ରୀ ମୃତ୍ୟୁର ଧାତ୍ରୀ**
**ଏ ନୁହେଁ ବିଶାଳ ଜଗତୀ**
**ଶୁଣ ହେ ମଣିଷ ଭାଇ**
**ଅମୃତ ଦୀପ୍ତି ସନ୍ତାନ ତୁମେ**
**ମରଣ ତୁମର କାହିଁ ?**

ପରବର୍ତ୍ତୀ ସମୟରେ ସେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନକୁ ସମର୍ଥନ କରି ‘ଭାରତ ମାତା’ କବିତା ଲେଖିଥିଲେ। ଏହି କବିତାରେ ଜାତୀୟତା, ଦେଶପ୍ରୀତିରେ କିପରି ଭାବରେ କୁନ୍ତଳା କୁମାରୀ ସାବତଙ୍କ ମନୋନିବେଶ ରହିଛି, ତାହାର ନିଦର୍ଶନ ଦେଖିବାକୁ ମିଳେ। ତାଙ୍କ ରଚିତ ଉପନ୍ୟାସ ହେଲା ଭ୍ରାନ୍ତି, ନଅତୁଣ୍ଡୀ, କାଳୀବୋହୂ, ରଘୁ ଅରକ୍ଷିତ, ପରଶମଣି, ଚିତ୍ରପଟ ଆଦି। ତାଙ୍କୁ ୧୯୨୫ ମସିହାରେ ‘ଉତ୍କଳ ଭାରତୀ’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଭାରତୀ ଭୂଷଣ ଉପାଧିରେ ଭୂଷିତ କରାଯାଇଥିଲା।

ଇତିହାସ ସାକ୍ଷୀ ଜ୍ଞାନୀ, ଗୁଣୀ, ବିଜ୍ଞ ମହାମନୀଷୀ ମାନେ ଧରାରେ କ୍ଷଣ ସ୍ଥାୟୀ। ଯେପରି ‘ଶେଫାଳି’ ରାତିରେ ପ୍ରସ୍ଫୁଟିତ ହୋଇ ରାତିରେ ସୌନ୍ଦର୍ଯ୍ୟ ସୁଗନ୍ଧ, ସୌରଭ ବିକିରଣ କରି ସୂର୍ଯ୍ୟର ପହିଲି କିରଣ ସ୍ପର୍ଶରେ ଧରାଶାୟୀ ହୋଇଥାଏ, ସେହିପରି ମାତ୍ର ୩୭ ବର୍ଷ ବୟସରେ ୧୯୩୮ ମସିହାର ଅଗଷ୍ଟ ମାସ ୩୦ ତାରିଖରେ ଦିଲ୍ଲୀରେ ଅବସ୍ଥାନ ବେଳେ ପୁତ୍ର ‘ଜଗମୋହନ’ର ପ୍ରସବ ସମୟରେ ତାଙ୍କର ଆକସ୍ମିକ ମୃତ୍ୟୁ, ତାଙ୍କର ଅଗଣିତ ପାଠକ, ଛାତ୍ର ସମାଜ ତଥା ପ୍ରଶଂସକମାନଙ୍କୁ ଶୋକ ସାଗରରେ ଭସେଇ ଦେଇଥିଲା। ତାଙ୍କ ପରଲୋକ ଗମନରେ ଛାଡି ଦେଇଗଲେ ଅନେକ ଅପୂରଣ ସାହିତ୍ୟ କୃତି, ମାନବ ସେବା, ଦେଶପ୍ରେମ, ପରିବାର ଏବଂ ଅନେକ କିଛି। ଦେଶର ସ୍ୱାଧୀନତାର ସ୍ୱାଦ ହୁଏତ ତାଙ୍କ ପାଇଁ ଉର୍ଦ୍ଦିଷ୍ଟ ନଥିଲା ରାଜନୀତି ତାଙ୍କ ପାଇଁ ଉଚିତ ମାର୍ଗ ନଥିଲା। ସେ ଥିଲେ ସେବା ଓ ମମତାର ମୂର୍ତ୍ତିମନ୍ତ ପ୍ରତୀକ। ଯାହାଙ୍କ କଲମରୁ ଝରିଥିଲା.....

**‘ତୋ ପରି କ୍ଷୁଦ୍ର ମୁହିଁ ତୋ ପରି କ୍ଷଣିକ,**
**ହସେ, ରସେ, ବାସେ ମାତ୍ର ଫୁଟିଅଛି ଘଡ଼ିକ।’**
(ଶେଫାଳି ପ୍ରତି)

**-ଦିଲ୍ଲୀପ ଶତପଥୀ**
**ମାତୃ ପିତୃ କୃପା, ୫୦୮, ନୁଆସାହି**
**ନୂଆପଲ୍ଲୀ, ଭୁବନେଶ୍ୱର**
**ମୋ-୯୪୩୭୧୭୫୭୬୪**


## ଏଇ ସପ୍ତାହ

ଏହି ସପ୍ତାହ, ସେହି ଦିନ (ଫେବୃଆରୀ ୮-୧୪)


ଫେବୃଆରୀ ୮, ୨୦୦୭-ଭୂଟାନ ନରେଶ ପ୍ରଥମ ଥର ଆମ ଦେଶକୁ ଆସିଥିଲେ।




ଫେବୃଆରୀ ୯, ୧୯୭୧- ଆପୋଲୋ-୧୪ ମିଶନ ଚନ୍ଦ୍ରରୁ ପୃଥିବୀପୃଷ୍ଠକୁ ଫେରିଥିଲା।




ଫେବୃଆରୀ ୧୦, ୧୮୪୬- ଶିଖ ଓ ଇଷ୍ଟ ଇଣ୍ଡିଆ କମ୍ପାନୀ ମଧ୍ୟରେ ସୋବରାଓଁ ଯୁଦ୍ଧ ଆରମ୍ଭ ହୋଇଥିଲା।




ଫେବୃଆରୀ ୧୧, ୧୯୫୫- ଭାରତ ପ୍ରଥମ ଥର ଖବରକାଗଜ ପ୍ରକାଶନ ଆରମ୍ଭ କରିଥିଲା।





ଫେବୃଆରୀ ୧୨, ୨୦୧୩- ଉତ୍ତର କୋରିଆ ତୃତୀୟ ଥର ଭୂମିଗତ ପରମାଣୁ ପରୀକ୍ଷଣ କରିଥିଲା।



ଫେବୃଆରୀ ୧୩, ୧୯୨୦- ଆମେରିକାରେ ବେସ୍ ବଲ୍‌ର ନିଗ୍ରୋ ନ୍ୟାସନାଲ୍ ଲିଗ୍‌ର ସ୍ଥାପନା ହୋଇଥିଲା।



ଫେବୃଆରୀ ୧୪, ୧୮୮୧- କୋଲକାତା ଠାରେ ଭାରତର ପ୍ରଥମ ମେଡିକାଲ୍ କଲେଜର ସ୍ଥାପନା ହୋଇଥିଲା।



# ମାଞ୍ଜା ସୂତା ନେଉଛି ଜୀବନ



**ସୌର ଚନ୍ଦ୍ର ମହାପାତ୍ର**

'ପତଳା ଗୁଡ଼ିର ଦୌଡ଼ିର ପ୍ରଭାବରେ ଏକ ପେନସିଲ ଛିଣ୍ଡି ଯିବାରୁ କୋର୍ଟ ରୁମ୍ ଏକ ପ୍ରକାର ନୀରବ ହୋଇଗଲା।' ଏହା ଗଣମାଧ୍ୟମର ଏକ ଖବର ହୋଇପାରେ କିମ୍ବା କୌଣସି ଚଳଚ୍ଚିତ୍ରର ଏକ ଛୋଟିଆ ଝଲକ ଆପଣଙ୍କ ପାଇଁ ହୋଇପାରେ। ମାତ୍ର ଆମେ ଉପସ୍ଥାପନ କରୁଥିବା ଘଟଣାଟି ସମ୍ପୂର୍ଣ୍ଣ ଭିନ୍ନ। ମାତ୍ର ମଧ୍ୟପ୍ରଦେଶ ହାଇକୋର୍ଟ ଇନ୍ଦୋର ବେଞ୍ଚରେ ମାଞ୍ଜା ସମ୍ପର୍କିତ ମାମଲାଟି ଜାତୀୟ ଗଣମାଧ୍ୟମରେ ପ୍ରମୁଖ ଶିରୋନାମା ସହିତ ପ୍ରକାଶିତ ହୋଇଛି। ଚାଇନିଜ ଗୁଡ଼ିର ବିପଦ କେତେ ଯେ ସାଙ୍ଘାତିକ, ଜୀବନ ଘାତକ ଓ ଭୟାନକ ତାହା କୋର୍ଟରେ ସାଧାରଣ ଭାବେ ହେଉଥିବା ତଥାକଥିତ ଯୁକ୍ତି ମାଧ୍ୟମରେ ନ କହିବା କରାଯାଇ କାର୍ଯ୍ୟରେ ପ୍ରଦର୍ଶନ କରାଯାଇ ପ୍ରମାଣିତ କରାଯାଇଥିଲା। ଚଳିତ ଜାନୁଆରୀ ୧୬ ତାରିଖ ଶୁକ୍ରବାରର ଘଟଣା ଶୁଣାଣି ସମୟରେ ମାନ୍ୟବର କୋର୍ଟର ବିଚାରପତିଙ୍କ ସମ୍ମୁଖରେ ଏକ ନିଷିଦ୍ଧ କରାଯାଇଥିବା ନାଇଲନ ଗୁଡ଼ି ସୂତା ଉପସ୍ଥାପିତ ହୋଇଥିଲା। ଏହାକୁ ବିଧିବଦ୍ଧ ଭାବେ ବିଚାରପତି ଆଲୋକ ଅବସ୍ଥି ଓ ବିଜୟ କୁମାର ଶୁକ୍ଳା ଯାଞ୍ଚ କରି ସୂତାଟି ଏକ ପେନସିଲ ଉପରେ ରଖି ଟଣା ଯାଇଥିଲା। ଏହା ପେନସିଲକୁ କାଟି ଦେବାରେ ସମର୍ଥ ହୋଇଥିଲା। ଖଣ୍ଡପୀଠ ବିଚାର ଦେଇଥିଲେ ଯେ ଯଦି ଏକ କଠିନ ପେନସିଲକୁ ମାଞ୍ଜା ଏତେ ସହଜରେ କାଟି ଦେଇପାରୁଛି ତେବେ ଏହା ଯୋଗୁଁ ମଣିଷଙ୍କ ଜୀବନ ପ୍ରତି ବିପଦ ଥିବା ସ୍ପଷ୍ଟ ପ୍ରମାଣିତ ହେଉଛି। କେବଳ



ଏତିକି ନୁହେଁ କୋର୍ଟ ମଧ୍ୟ କହିଛନ୍ତି ଯଦି କର୍ତ୍ତୃପକ୍ଷ ଏହି ବିପଦକୁ ନିୟନ୍ତ୍ରଣ କରିବାରେ ବିଫଳ ହୁଅନ୍ତି ତେବେ ସେମାନଙ୍କ ପାଖରେ ସମ୍ପୂର୍ଣ୍ଣ ଭାବରେ ଗୁଡ଼ି ଉଡାଣକୁ ନିଷିଦ୍ଧ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ଆଉ ରହିନପାରେ। ମାନ୍ୟବର କୋର୍ଟ ବେଶ ସ୍ପଷ୍ଟ କରିଥିଲେ ଯେ ଚାଇନିଜ ମାଞ୍ଜା, ବିକ୍ରୟ କିମ୍ବା ବ୍ୟବହାର କରୁଥିବା ଯେ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। କେବଳ ସେତିକି ନୁହେଁ ଯଦି ନାବାଳକମାନେ ନିଷିଦ୍ଧ ସୂତା ବ୍ୟବହାର କରି ଧରା ପଡ଼ନ୍ତି ଏଥି ନିମିତ୍ତ ସେମାନଙ୍କ ଅଭିଭାବକଙ୍କୁ ଆଇନଗତ ଭାବେ ଦାୟୀ କରାଯିବ। ଏଠାରେ ସୂଚନା ଥାଉକି ପରିସଂଖ୍ୟାନର ତଥ୍ୟକୁ ଦେଖି କୋର୍ଟ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଭାରତର ଅନ୍ୟତମ ସୁରକ୍ଷିତ ସହର ମାନ୍ୟତାରେ ସ୍ଥାନ ପାଇଥିବା ଇନ୍ଦୋରରେ ଚାଇନିଜ ଗୁଡ଼ିର ସୂତା ଯୋଗୁଁ ତିନିଜଣଙ୍କର ଅକାଳରେ ଜୀବନ ଦୀପ ନିର୍ବାପିତ ହୋଇଯାଇଛି। ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି ଏବଂ ଅଗଣିତ ପକ୍ଷୀ ସୂତାରେ ମଧ୍ୟ ଫସି ମରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବଜାରରେ ଏବେ ଅତି ପତଳା ଭାବେ କେବଳ ବାଇକ ଆରୋହୀ ନୁହଁନ୍ତି ଏପରିକି ପଥଚାରୀମାନେ ମଧ୍ୟ ଖୁବ ସହଜରେ ଏହି ଜୀବନ ଘାତକ ଗୁଡ଼ିର ମାଞ୍ଜା ସୂତାକୁ ଦେଖି ପାରୁନାହାଁନ୍ତି। କେହି କେହି ହଠାତ୍ ଦେଖି ଗାଡ଼ି ବ୍ରେକ ମାରି ମଧ୍ୟ ସଡ଼କ ଦୁର୍ଘଟଣାର ଶିକାର ହେଉଛନ୍ତି।

ଭାତ ହାଣ୍ଡିରୁ ଗୋଟିଏ ପରି ଦ୍ୱୈତନଗରୀ କଟକ-ଭୁବନେଶ୍ୱରକୁ ଦେଖାଯାଉ। ମକର ସଂକ୍ରାନ୍ତିର ଢ଼େର ପୂର୍ବରୁ ଗୁଡ଼ି ଉଡାର ଆଦର ଉଦବେଗଜନକ ଭାବେ ବଢୁଥିବାରୁ ଏବଂ ବଜାରରେ ଅନ୍ୟ ଗୁଡ଼ିକୁ କାଟିବା ପାଇଁ ତୀକ୍ଷ୍ଣ ଦ୍ରବ୍ୟର ଉପଯୋଗ କରାଯାଇ ଯେଉଁପରି ନୂଆ ନୂଆ ଗୁଡ଼ି ସବୁ ପ୍ରସ୍ତୁତ ହେଉଛି ଏହାର ଉତ୍ପାଦନ, ବିକ୍ରୟ ଓ ବ୍ୟବହାର ଉପରେ ସରକାରୀ ନୀତି ନିୟମ ଅନେକ ନିଷେଦ୍ଧାଦେଶ ଥିବା ସତ୍ତ୍ୱେ ଏହା ଫଳପ୍ରଦ ହୋଇପାରୁନାହିଁ। ସରକାରୀ କାଗଜପତ୍ରରେ କାର୍ଯ୍ୟାନୁଷ୍ଠାନର ଦାବୀ ରହୁଥିଲେ ମଧ୍ୟ ବାସ୍ତବତା ଭିନ୍ନ କାହାଣୀ କହୁଛି। ଗଣମାଧ୍ୟମରେ ତଥ୍ୟ ଯେତିକି ପ୍ରକାଶ ପାଇଛି କେବଳ କଟକ-ଭୁବନେଶ୍ୱରରେ ମାତ୍ର ଦୁଇସପ୍ତାହରେ ଦଶରୁ ଊର୍ଦ୍ଧ୍ୱ ଜଣଙ୍କର ବେକ ଓ ମୁହଁ କଟିଯାଇ ସେମାନେ ଗୁରୁତର ହୋଇଛନ୍ତି। କିନ୍ତୁ ଗୁଡ଼ି ଉଡାଉଥିବା ବ୍ୟକ୍ତିବିଶେଷକୁ ଗିରଫ କରି ଦଣ୍ଡ ବିଧାନର ବ୍ୟବସ୍ଥା କେଜାଣି କାହିଁ ଦେଖାଯାଉ ନାହିଁ। ଗୁଡ଼ି ଉଡା ବର୍ତ୍ତମାନ ଏପରି ଏକ ଆତଙ୍କ ଭାବରେ ଦେଖାଦେଇଛି ଯେ କେବଳ ସହରାଞ୍ଚଳ ନୁହେଁ ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳ ଓ ଆଦିବାସୀ ବହୁଳ ଅଞ୍ଚଳରେ ବିଶେଷକରି ମକର ସଂକ୍ରାନ୍ତି ସମୟରେ ଗୁଡ଼ି ଉଡା ଖୁବ ଜୋରଦାର ଭାବେ ଆୟୋଜନ ହୋଇଥାଏ। ଇନ୍ଦୋର ବେଞ୍ଚରେ ମାନ୍ୟବର ଖଣ୍ଡପୀଠ ଗଭୀର ଉଦବେଗ ପ୍ରକାଶ କରିଥିଲେ। ଏହା ସହ ଆହାତ ଯାତ୍ରୀ, ବିକୃତ ପକ୍ଷୀ ଓ କଟା ଗଳାର ଫଟୋକୁ ଉଲ୍ଲେଖ କରି କହିଛନ୍ତି ବାସ୍ତବିକ ଖବର କାଗଜରେ ପ୍ରକାଶିତ ଏହି ଫଟୋଗୁଡ଼ିକ ଅତ୍ୟନ୍ତ ହୃଦୟ ବିଦାରକ।

କୋର୍ଟ ଏହା ସ୍ପଷ୍ଟ କରିଛନ୍ତି ପ୍ରତିବର୍ଷ ଗୁଜୁରାଟରେ ବେଶ ଧୁମଧାମରେ ଗୁଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଥାଏ। କିନ୍ତୁ ସେଠାରେ ମୃତ୍ୟୁସଂଖ୍ୟାର ରିପୋର୍ଟ ତୁଳନାତ୍ମକ ଭାବେ କମ୍। ଏ ମାମଲାରେ ମାନ୍ୟବର ହାଇକୋର୍ଟ ମଧ୍ୟପ୍ରଦେଶର ମୁଖ୍ୟ ସଚିବଙ୍କୁ ଚାଇନିଜ ଗୁଡ଼ି ସୂତାକୁ ବ୍ୟବହାର ନକରିବା ପାଇଁ କଠୋର ନୀତି ପ୍ରଣୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ପରିସ୍ଥିତି ନିୟନ୍ତ୍ରଣ ଭିତରେ ନ ରହେ ତେବେ ବାଧ୍ୟ ହୋଇ ଗୁଡ଼ି ଉଡାଣ ଉପରେ ନିଷେଦ୍ଧାଦେଶ ଲାଗିବ ବୋଲି ଚେତାବନୀ ଦେଇଛନ୍ତି। ଏଠାରେ ସୂଚାଇ ଦିଆଯାଇପାରେ କି ୧୧ ଡିସେମ୍ବର ୨୦୨୫ରେ ଇନ୍ଦୋର ଏବଂ ସନ୍ନିକଟ ଜିଲ୍ଲା ଗୁଡ଼ିକରେ ଚାଇନିଜ ମାଞ୍ଜାର ଉତ୍ପାଦନ, ବିକ୍ରୟ ଓ ବ୍ୟବହାରକୁ ନିଷିଦ୍ଧ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୨ ଜାନୁଆରୀ ୨୦୨୬ରେ କୋର୍ଟ ଦୁର୍ଘଟଣା



ରୋକିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏତେ କଠୋର ନିର୍ଦ୍ଦେଶ ଓ କଟକଣା ସତ୍ତ୍ୱେ ଗତ ମକର ସଂକ୍ରାନ୍ତିରେ ଅନେକ ମାରାତ୍ମକ ଓ ଦୁର୍ଭାଗ୍ୟଜନକ ଘଟଣା ସବୁ ଘଟିଛି। ମାନ୍ୟବର କୋର୍ଟ ଏହାକୁ ଦୁର୍ଭାଗ୍ୟଜନକ ଭାବେ ମନ୍ତବ୍ୟ ଦେଇ ଆଦେଶ ପରେ ମଧ୍ୟ ମୃତ୍ୟୁ ଜାରି ରହିଥିବାରୁ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ଚାଇନିଜ ଗୁଡ଼ା ସୂତା ଦ୍ୱାରା ହେଉଥିବା ଯେକୌଣସି ମୃତ୍ୟୁକୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୧୦୬ (୧) ଅନୁଯାୟୀ ହତ୍ୟା ମାମଲା ଭାବେ ଗ୍ରହଣ କରାଯିବ।

ଗତ ବର୍ଷ କଟକ କଲେଜଛକ ଅଞ୍ଚଳର ଜଣେ ଛାତ୍ର ଗୁଡ଼ି ଉଡା ମାଞ୍ଜା ଦ୍ୱାରା ତାଙ୍କ ବେକ କଟିଯାଇ ଦୀର୍ଘ ଦିନ ଚିକିତ୍ସା ପରେ ସେ କିନ୍ତୁ ଆରୋଗ୍ୟ ଲାଭ କରିପାରି ନଥିଲେ। ନିୟମିତ ଭାବେ ପ୍ରଶାସନ ପକ୍ଷରୁ ବେଳେ ବେଳେ କିଛି ଦୋକାନ ଉପରେ ଚଢ଼ାଉ କରାଯାଏ କିନ୍ତୁ ପରବର୍ତ୍ତୀ ସମୟରେ ଯଥୌତଥୌ ଅବସ୍ଥା। ଆଗକାଳେ ଆମ ପିଲାଦିନେ ବେଶ ଭଲ ଭାବେ ମନେ ଅଛି କେନ୍ଦୁଅଠା ସଂଗ୍ରହ କରି ଏହି ଦେଶୀୟ ସୁତୁଲୀରେ ହିଁ ଗୁଡ଼ି ଉଡା ହେଉଥିଲା। କିନ୍ତୁ ଏବେ ବିପଜ୍ଜନକ ଭାବେ କାଚ ଓ ବିଭିନ୍ନ ତୀକ୍ଷ୍ଣ, ବିଷାକ୍ତ ସାମଗ୍ରୀ ବ୍ୟବହାର କରାଯାଇ ନାଇଲନ ସୂତାକୁ ଏପରି ଘାତକ ଭାବେ ପ୍ରସ୍ତୁତ ହେଉଛି ଏହା ମୃତ୍ୟୁର ଫାନ୍ଦ କହିଲେ ଅତ୍ୟୁକ୍ତି ହେବନାହିଁ। ଅନ୍ୟ ଜଣଙ୍କର ଗୁଡ଼ିକୁ କଟାଇବା ପାଇଁ ଏ ସବୁ ବ୍ୟବସ୍ଥା ଗ୍ରହଣ କରାଯାଏ। ବଜାରରେ ଏହି ତୀକ୍ଷ୍ଣ ଓ ବିଷାକ୍ତ କରୁଥିବା ସୂତାର ଦାମ ମଧ୍ୟ ବହୁ ମୂଲ୍ୟର। ପ୍ରତିଦ୍ୱନ୍ଦ୍ୱୀର ଗୁଡ଼ିକୁ ଯେନତେନ ଭାବରେ କାଟିବା ଓ ଗୁଡ଼ି ଉଡା ପ୍ରତିଯୋଗୀତାରେ ନିଜ ଗୁଡ଼ି ଶ୍ରେଷ୍ଠତା ଅର୍ଜନ କରି ଅନ୍ୟ ଜଣଙ୍କ ଗୁଡ଼ିକୁ କାଟିବାର ଯେଉଁ ତୀବ୍ର ମାନସିକତା ହିଁ ବର୍ତ୍ତମାନ ଗୁଡ଼ିଉଡାକୁ ଏକ ବିପଜ୍ଜନକ ଖେଳ ଆଡ଼କୁ ନେଇଗଲାଣି। ସେହିପରି ଗୁଡ଼ି ଉଡା ସମୟରେ ଆଉ ଏକ ପରୋକ୍ଷ ଜନିତ ଦୁର୍ଘଟଣାରେ ମଧ୍ୟ ଧନଜୀବନ ହାନି ହୁଏ। ଛାତ ଉପର, ଉଚ୍ଚ ବାଲକୋନୀ, ଉଚ୍ଚ ସ୍ଥାନରେ ଗୁଡ଼ି ଉଡାଇବା ସମୟରେ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କ ଗୁଡ଼ି ସାମ୍ନାକୁ ଆସିଯିବା ମାତ୍ରେ ଜଣେ ଅତ୍ୟନ୍ତ ଭାବ ପ୍ରବଣ ହୋଇଯାଏ ଯାହାର ପରିଣାମ ସ୍ୱରୂପ ସ୍ଥାନ, କାଳ, ପାତ୍ର ସବୁ ଭୁଲିଯାଇ ଗୋଡ଼ର ପାଦ ଏପଟ ସେପଟ ହୋଇଯିବା ଦ୍ୱାରା ଅଭାବନୀୟ ଦୁର୍ଘଟଣା ଘଟିଯାଏ। ଅକାଳରେ ଅନେକଙ୍କ ଜୀବନ ଦୀପ ମଧ୍ୟ ନିର୍ବାପିତ ହୋଇଯାଏ। ସହରରେ ଆମେ ଯିବା ଆସିବା କଲାବେଳେ ଦେଖିଛୁ ପିଲାମାନେ ତଳେ ଛିଣ୍ଡି ପଡିଯାଉଥିବା କୌଣସି ଗୁଡ଼ିକୁ ସଂଗ୍ରହ କରିବା ପାଇଁ ଏପରି ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାଲି ଆସନ୍ତି ସେମାନେ ଆସନ୍ନ ବିପଦ ବା ପରିସ୍ଥିତି ସବୁକିଛିକୁ ଭୁଲି ଯାଆନ୍ତି। ଗାଡ଼ିରେ ବାଡ଼େଇ ହୋଇଯିବା, ଅଲକ୍ଷ୍ୟରେ ଜଣଙ୍କ ଦେହରେ ପିଟି ହୋଇଯିବା, କିମ୍ବା କୌଣସି ବଡ଼ ଦୁର୍ଘଟଣାକୁ ମଧ୍ୟ ସାମ୍ନା କରିଥାନ୍ତି। ବେଳେ ବେଳେ ଗୁଡ଼ିର ବିଷାକ୍ତ ତାର ବା ପଦାର୍ଥ ଆଖିରେ ପଡ଼ିଯିବା ଦ୍ୱାରା କେତେକ କ୍ଷେତ୍ରରେ ଚକ୍ଷୁ ନଷ୍ଟ ମଧ୍ୟ ହୋଇଯାଏ। ଏପରି ଅନେକ ଉଦାହରଣ ଅଛି। ଆଉ ଗୁଡ଼ି ଉଡା ଭିତରେ ଉଗ୍ର ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ଭୟାନକ ପରିସ୍ଥିତି ମଧ୍ୟ ସୃଷ୍ଟି କରିଥାଏ। ଭାରତୀୟ ପରମ୍ପରାରେ ଗୁଡ଼ିଉଡା ଭାଇଚାରା, ଆନନ୍ଦ ଉଲ୍ଲାସ ଓ ଜୀବନ ଚେତନାର ଉତ୍ସ। ଆମେ ମୁକ୍ତ ବିହଙ୍ଗ ପରି ଭଗବାନଙ୍କ ଆଶୀର୍ବାଦ ହିଁ ପ୍ରାପ୍ତ ହେଉଛୁ, ଗୁଡ଼ିଉଡା ଏହି ମହାନ ଭାବନା ଆମ ସମସ୍ତଙ୍କୁ ପ୍ରେରିତ କରୁ। ଗୁଡ଼ି ଉଡା ଆନନ୍ଦର ଉଲ୍ଲାସର ପାର୍ବଣ ହେଉ ଏହା ଦୁଃଖଦ ସ୍ମୃତିର କାହାଣୀ ନହୋଇ।

**ବରିଷ୍ଠ ଆଇନଜୀବୀ ଓ ସଭ୍ୟ ଓଡ଼ିଶା ଆଇନ କମିଶନ, ଓଡ଼ିଶା ହାଇକୋର୍ଟ,**
**'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,**
**ସେକ୍ଟର-୬, କଟକ**
**ମୋ: ୯୪୩୭୦୦୪୪୬୬**

# ଦେଶଭକ୍ତି !

**-ଓଁ ଅଭିଜ୍ଞାନ ସାହୁ**

ସାହି କ୍ଲବ୍ ଘର ବାରଣ୍ଡାରେ ଭୋଦୁଅ ଖରାବେଳଟାରେ ଲୋକନାଥ ନିବିଷ୍ଟ ଚିତ୍ତରେ ବସି ମୋବାଇଲରେ ରିଲ୍ ଦେଖୁଥିଲା । ପାଖକୁ ଯାଇ କହିଲି, ତୁମ ଭଳି ଯୁବକମାନେ ଯଦି ଦିନଯାକ ଏମିତି ବସି ରିଲ୍ ଦେଖିବ ତେବେ ଦେଶ ଆଗକୁ କେମିତି ବଢିବ ? ଲୋକିଆ ମୁହଁ ନଉଠେଇ କହିଲା ଭାଇ, ଗୋଟେ ପ୍ରେରଣାଦାୟୀ ଭିଡିଓ ଦେଖୁଥିଲି । ଆରେ, ଲୋକିଆ ପୁଣି ପ୍ରେରଣାଦାୟୀ ଭିଡ଼ିଓ ଦେଖୁଛି ! ତା' ମୋବାଇଲରେ ମୁଁ ଦେଖିଲି କିଛି ଅଖଚକ ରୋକୁଥିବା ଆନ୍ଦୋଳନକାରୀ ରାଜପଥରେ ଏକ ଭରନ୍ତା ଯାତ୍ରୀବାହୀ ବସକୁ ଅଟକେଇଥାନ୍ତି । ଜଣେ ଡ୍ରାଇଭର ସାଙ୍ଗରେ ବଚସାରେ ଥିବାବେଳେ ଆଉ କେଇଜଣ ଟେକା, ଠେଙ୍ଗାରେ ବସ୍ ଭଙ୍ଗାରୁଜା କରୁଥିଲେ । ବସ୍ ଆଗରେ କେତେଜଣ ଶୋଇଥିବା ବେଳେ ଆଉ କେତେଜଣ ବସ୍‌ରେ ନିଆଁ ଲଗାଇବାର ପ୍ରସ୍ତୁତିରେ ଥିଲେ । କହି ପକେଇଲି, ଇସସ୍ ଏହି ବିଭତ୍ସ ଦୃଶ୍ୟରେ ପ୍ରେରଣା ଅଛି ! ଲୋକିଆ କହିଲା ମୋତେ ଝିଙ୍ଗାସିବା ପୂର୍ବରୁ ଥରେ ଭାବି ଦେଖ ଜଣଙ୍କ ପକ୍ଷେ କଣ କେବେ ଗୋଟେ ବସ୍‌କୁ ଜଳେଇବା ସହଜ କଥା ? ଏକ ମନ, ଏକ ଦଳ ଓ ଭାବନାର ସମନ୍ୱୟ ଥିଲା ବୋଲି ତ ଏହା ସମ୍ଭବ ହେଉଛି । ସମସ୍ତେ ମିଳିମିଶି କେମିତି କାମଟିକୁ ସୁରୁଖୁରୁରେ ଆଗେଇନେଉଛନ୍ତି, ଦେଖିଲ ତ ? କଥାରେ ଅଛି ବାର ଜାତି ତେର ଗୋଲା ବୈଷ୍ଣବ ହେଲେ ସବୁ ଗଲା । ଠିକ ସେମିତି ଆନ୍ଦୋଳନକାରୀମାନଙ୍କ ଭିତରେ ଉଚ୍ଚ ନିଚ୍ଚ ଜାତି ଭେଦ ନଥାଏ, ନଥାଏ ମଧ ଧନୀ ଗରିବ, ଶିକ୍ଷିତ ଅଶିକ୍ଷିତର ଭେଦ ଭାବ । ଦେଶରେ ଯେତେବେଳେ ମଣିଷ ମଣିଷ ଭିତରେ ବିଦ୍ୱେଷ ବଢୁଛି, ବିଶ୍ୱାସ ଓ ଭରସା କମୁଛି, ମଣିଷ ମଣିଷ ଭିତରେ ବିଭେଦ ଓ ଦୂରତା ବଢିଚାଲିଛି, ସେତିକିବେଳେ ଯୁବକମାନଙ୍କ ଏଭଳି ମିଳିମିଶି କାମ କରିବା ସତରେ ପ୍ରେରଣାଦାୟୀ ନୁହେଁ କି ?' ତା କଥା ଶୁଣି ମୁଁ ଯୋଡ଼ ହସ୍ତରେ କହିଲି, 'ଭାଇରେ ବୟସରେ ସିନା ତୁ ସାନ ହେଲେ ଭାବନା ତୋ ମହାନ୍ । ତୋର ଏହି ସକାରାତ୍ମକ ଚିନ୍ତାଧାରା ପାଇଁ ତୋତେ ଦଣ୍ଡବତ । ଠିକ କହିଛୁ ଏକତାରେ ବଳ ଥାଏ । ଏମିତି ମିଳିମିଶି ଆଜି ବସ୍ ଜାଳୁଛନ୍ତି କାଲି ଟ୍ରେନ ଜାଳିବେ ପରେ ପୂରା ଦେଶ ଜାଳିବେ । ଏକ ମନ, ଏକ ଦେଶ, ଏକ ଦଳ ଓ ଏକ ଧର୍ମ ଭାବନା ନେଇ ଯଦି ଦେଶର ଯୁବସମାଜ ଏହିଭଳି ମହତ କାମ ସବୁ ମିଳିମିଶି କରନ୍ତି ତେବେ ଦେଶକୁ ବିଶ୍ୱଗୁରୁ ହେବାରୁ କେଉଁ ଭଗବାନ ବି ଅଟକେଇପାରିବେ ନାହିଁ ।' ମୋ କଥା ଶୁଣି ଲୋକିଆ ମୁଣ୍ଡ କୁଣ୍ଡେଇ କହିଲା ଭାଇ ସବୁ ସେଇ ଦେଶ ପାଇଁ । କବି ପରା କହିଛନ୍ତି ଆଗେଇ ଆସ ହେ ବୀର ସନ୍ତାନ, ରକ୍ତ ଡାକୁଛି ରକ୍ତକୁ । କାନ୍ଧରେ କାନ୍ଧ ଦେଇଦିଅ ଆଜି, ବିଶ୍ୱ ଆମ ଏକତା ଦେଖୁ ।




ଆଗରୁ ଦେଶଭକ୍ତିର ଜୁଆର ବର୍ଷକୁ ଦୁଇଥର ଆସୁଥିଲା । ଏବେ ଯେତେବେଳେ ସୀମାରେ ଆତଙ୍କବାଦୀ ଆକ୍ରମଣ ହେଉ କିମ୍ବା ସୀମା ବିବାଦ ହେଉ ଆମ ଦେଶରେ ଦେଶଭକ୍ତିର ପାରଦ ଚରମ ସୀମାରେ ପହଞ୍ଚି ଯାଏ । ଅବଶ୍ୟ କିଛିଦିନ ପରେ ଆପେ ଥଣ୍ଡା ପଡ଼ିଯାଏ । ଦେଶଭକ୍ତିର ଆଉ ଏକ ବିଚିତ୍ର ସ୍ଥିତି ଏବେ ଦେଖିବାକୁ ମିଳୁଛି । ଅସଲ ଦେଶଭକ୍ତ ସୀମାରେ ଶତ୍ରୁ ସହ ଲଢେଇରେ ଶହୀଦ ହେଉଥିଲା ବେଳେ ଏଠି ଶାସକ ଓ ବିରୋଧୀଙ୍କ ଭିତରେ କିଏ ଅସଲ ଦେଶଭକ୍ତ କିଏ ଦେଶଦ୍ରୋହୀ ତାକୁ ନେଇ ବାକ୍ ଯୁଦ୍ଧ ଅତ୍ୟନ୍ତ ନିମ୍ନସ୍ତରରେ ଆସି ପହଂଚିଲାଣି । ବିଡମ୍ବନା, ନେତାଙ୍କ ଦେଶଭକ୍ତିର ପାରାମିଟରରେ ଦାରିଦ୍ର୍ୟ, ବେକାରୀ, ଭ୍ରଷ୍ଟାଚାର, କୁଶିକ୍ଷା, କଳାଧନ ଭଳି ଦେଶର ଅନେକ ମୌଳିକ ସମସ୍ୟା କେବେଠୁ ଗୌଣ ହେଇ ନେପଥ୍ୟକୁ ଚାଲିଗଲାଣି ।

ବାଘ ନଦେଖିଲେ ବିଲେଇ ଦେଖ । ଯଦି ଭଗତ ସିଂ, ଚନ୍ଦ୍ରଶେଖର, ଚାଖି ଖୁଣ୍ଟିଆଙ୍କ ଭଳି ଦେଶଭକ୍ତଙ୍କୁ ଦେଖିନାହାଁନ୍ତି ତେବେ ହ୍ୱାଟ୍ସଆପ କିମ୍ବା ଫେସ୍‌ବୁକ୍ ଆଡେ ଥରେ ବୁଲିଆସିଲେ ଶହ ଶହ ସଚ୍ଚୋଟ ଦେଶଭକ୍ତଙ୍କୁ ଦେଖିପାରିବ । ସକାଳୁ ହ୍ୱାଟ୍ସଆପ ଖୋଲିଲେ ନିଶ୍ଚେ ଚାରି ପାଞ୍ଚଟା ଦେଶଭକ୍ତି ମେସେଜ ଦେଖିବେ । କ୍ଷଣିକ ପାଇଁ ଆପଣଙ୍କୁ ଲାଗିବ ଯେମିତି କେବଳ ଆପଣଙ୍କୁ ଛାଡି ଦୁନିଆର ବାକି ସମସ୍ତେ ଦେଶପ୍ରେମରେ ଉଦ୍‌ବୁଦ୍ଧ ଓ ଆପଣଙ୍କ ଭିତରେ ମାତୃଭୂମି ପାଇଁ ଭକ୍ତିଭାବ ଜାଗ୍ରତ କରିବାକୁ ହ୍ୱାଟ୍ସଆପ କମ୍ପାନୀ ଏମାନଙ୍କୁ ନିଯୁକ୍ତି ଦେଇଛି । ଠିକ ସେହିପରି ଏତେଦିନ ଧରି ଫେସ୍‌ବୁକ୍‌ରେ ସକ୍ରିୟ ଥିଲେ ବି ଆଜି ଯାଏଁ ଜଣେ ଦେଶଦ୍ରୋହୀଙ୍କୁ ଦେଖିଲି ନାହିଁ । ସମସ୍ତେ ଦେଶଭକ୍ତ, ଉଦାର, ସଚ୍ଚୋଟ, ସମ୍ବେଦନଶୀଳ । ସମସ୍ତେ ପରୋପକାରୀ ଓ ସମାଜସେବୀ । ଆହା କେତେକେତେ ସ୍ୱାଧୀନତା ସଂଗ୍ରାମୀ ଅଯଥାରେ ଇଂରେଜମାନଙ୍କୁ ହଟେଇବାକୁ ଯାଇ ନିଜ ଅମୂଲ୍ୟ ଜୀବନ ଦେଇଦେଲେ । ଯଦି ସେତେବେଳେ ହ୍ୱାଟ୍ସଆପ କିମ୍ବା ଫେସବୁକ ଭଳି ସାମାଜିକ ଗଣମାଧ୍ୟମ ଥା'ନ୍ତା ତେବେ ଆଜିର ଦେଶଭକ୍ତମାନଙ୍କ କ୍ରିୟାବିହୀନ ପ୍ରତିକ୍ରିୟାରେ ତଟସ୍ଥ ଇଂରେଜମାନେ ମୁକ୍ତକଚ୍ଛ ହୋଇ ଭାରତ ଛାଡି ପଳେଇଥାନ୍ତେ । କୌଣସି ସଭାରେ ବକ୍ତାଙ୍କ ଦେଶଭକ୍ତି ଉପରେ ଅନର୍ଗଳ ଭାବପ୍ରବଣ ଭାଷଣ ଓ ତାକୁ ଆଁ କରି ପିଇ ଯାଉଥିବା ଶ୍ରୋତାଙ୍କୁ ଦେଖିଲେ ଲାଗିବ ଯେମିତି ଅଳ୍ପ କେତେଜଣ ବିରୋଧୀ ଦଳର ଦେଶଦ୍ରୋହୀଙ୍କ ଛଡା ଏ ଦେଶରେ ଅନ୍ୟ କିଛି ସମସ୍ୟା ନାହିଁ । ମନେପଡୁନି କିନ୍ତୁ ପିଲାଦିନେ କେଉଁଠି ପଢ଼ିଥିଲି ଜଣେ ସଚ୍ଚୋଟ ବ୍ୟକ୍ତି ଚାହିଁଲେ ସଂସାରରେ ଯେକୌଣସି ପ୍ରକାରର ଏକ ବିରାଟ ପରିବର୍ତ୍ତନ ଆଣିପାରିବ । ଏକା ଗାନ୍ଧିଜୀ ଦେଶର ଲୋକମାନଙ୍କ ମାନସିକତାରେ ବିରାଟ ପରିବର୍ତ୍ତନ ଆଣି ପାରିଥିଲେ । ଆଉ ଯେତେବେଳେ ଦେଶଭକ୍ତିରେ ଉବୁଟୁବୁ ହେଉଥିବା ଏତେ ସଂଖ୍ୟକ ସଚ୍ଚୋଟ ଲୋକଙ୍କୁ ଦେଖେ, ଲାଗେ ଦେଶ ମହାଦେଶ କଥା ଛାଡ଼ ପୂରା ବିଶ୍ୱକୁ ପରିବର୍ତ୍ତନ କରିପାରିବାର ସାମର୍ଥ୍ୟ ଏମାନଙ୍କ ପାଖରେ ଅଛି ।

ଗତକାଲି ରାସ୍ତାରେ ନରି ଭାଇ ଦେଖା ହେଲେ କହିଲେ, ପୁଅ ତୁ ତ ଜାଣୁ ମୁଁ ପଇସା ବହୁତ କମେଇଲିଣି । ଦେଶ କାମ ପାଇଁ ରାଜନୈତିକ ଦଳମାନଙ୍କୁ ଚାନ୍ଦା ବି ଦେଉଛି । ଗାଁ ମାଟି ମାଆର ଇଜ୍ଜତ ପାଇଁ ଅତୀତରେ ଦିଇଟା ମର୍ଡ଼ର ବି କଲି । ଗାଁର ସବୁ ପୂଜାପର୍ବାଣୀ ଓ ସୁବିଧା ଅସୁବିଧାରେ ଆସି ଛିଡା ହେଉଛି । ହେଲେ ମୋର ଦୁଃଖ ଗାଁର ଦେଶଭକ୍ତମାନଙ୍କ କଥା ପଡିଲେ କେହି ମୋ ନାଁ ନେଉନାହାଁନ୍ତି । ମୋତେ ଟିକେ କହିଲୁ ସଚ୍ଚୋଟ ଦେଶଭକ୍ତ ହେବାକୁ ହେଲେ କଣ କରିବାକୁ ପଡିବ ? ତାଙ୍କ କଥା ଶୁଣି ମୁଁ ତୋବା । ଦସ୍ୟୁ ରତ୍ନାକରରୁ ଏବେ ରବିନହୁଡ୍ ହୋଇଥିବା ନରି ଭାଇଙ୍କ ମୁଣ୍ଡକୁ ହଠାତ୍ ଏମିତି ସଚ୍ଚୋଟ ପୋକ କାହିଁକି କାମୁଡ଼ିଲା ! 'ଭାଇ ତୁମକୁ ପୁଣି ସଚ୍ଚୋଟ ହେବା କଣ ଦରକାର ? ମୁଁ ବୁଝେଇଲି । ତୁମେ ଯେତେବେଳେ ଦାଦାଗିରି କରୁଥିଲ, ତାକୁ ଅତ୍ୟନ୍ତ ଶ୍ରଦ୍ଧା ଓ ଆନ୍ତରିକତାର ସହ କରୁଥିଲ । ତୁମ ଦେଶୀ ଭାଟିରେ କେବେ ପାଣି ମିଶେଇ ଗ୍ରାହକଙ୍କୁ ଠକିବା କଥା ମୋ କାନ ଗଳୁରିବା ଦିନୁ ଶୁଣିନି । କେତେ କେତେ ଗରିବ ଲୋକଙ୍କ ଠାରୁ ବଟି ନେଇ ସେମାନଙ୍କୁ ରାସ୍ତାକଡ଼ରେ ବେପାର କରିବାକୁ ବସେଇଛ । ରାସ୍ତାକଡ଼ରେ ଯେଉଁଠି ଲୋକମାନେ ଭାରି ଅଶୋଭନୀୟ ଭାବେ ପରିସ୍ରା କରି ପରିବେଶକୁ ଦୂଷିତ କରୁଥିଲେ ତୁମେ ସେଠି କେବିନ ପକେଇ ସ୍ୱଳ୍ପ ଭଡାରେ ଅନେକ ବେକାରୀଙ୍କୁ ଥଇଥାନ କରିଛ । ମଣିଷର ସବୁଠୁ ବଡ଼ ଗୁଣ ହେଲା କୃତଜ୍ଞତାବୋଧ । ଥାନାବାଲା ମାଗିବା ପୂର୍ବରୁ ତାଙ୍କ ପାଖରେ ନେଇ ତାଙ୍କ ପାଉଣା ପହଞ୍ଚେଇ ଦେଉଛ । ବିଦେଶୀ ମାଲକୁ ଛାଡି ତୁମେ ସ୍ୱଦେଶୀ ମାଲ୍ ବିକୁଛ । ଗରୀବ ବନ୍ଧୁ ଓ ସମ୍ବେଦନଶୀଳ ମଣିଷ ଭାବେ ଅଭାବୀ ନାଗୁଆ ଗରାଖଙ୍କୁ ଆବଶ୍ୟକସ୍ଥଳେ ତୁମେ ବାକି ବି ଦେଉଛ । ଭାଇ ଯିଏ ଯାହା କହୁ ପଛେ ଜଣେ ସଚ୍ଚୋଟ ନାଗରିକର ସବୁ ଗୁଣ ତୁମ ଭିତରେ ଖୁନ୍ଦି ହୋଇ ରହିଛି । ଏମିତିରେ ମାନଦଣ୍ଡ ପକେଇ ଦେଖିଲେ ତୁମେ ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ । ନରି ଭାଇ ମୋତେ ମଝିରୁ ଅଟକେଇ କହିଲେ, ସେ ସବୁ ଠିକ ଯେ ହେଲେ ପ୍ରମାଣ କଣ ? ମୁଁ ବି ଭାବିବାକୁ ଲାଗିଲି ଆରେ ସତ କଥା ତ । ଭଲ କାମ କଲେ କଣ ହେବ ଏହା ଦିଶିବା ଦରକାର । ବିନା ମାନ୍ୟତାରେ ହେଉଥିବା ସେବା କଣ ସେବାରେ ଗଣା ! ତୁମେ ଯେତେ ମହତ କାର୍ଯ୍ୟ କଲେ ଲାଭ କଣ ଯଦି ପ୍ରମାଣ ପାଇଁ ଦଶ କୋଡିଏ ଫଟୋ ଉଠେଇ ତାକୁ ପ୍ରଚାର କରି ନପାରିଲ । ଗୋଟିଏ ସେଓକୁ ଦଶ ଜଣ ମିଶି ଜଣେ ରୋଗୀକୁ ଦେଉଥିବା ଫୋଟ ତ ନିଶ୍ଚେ ଦେଖିଥିବେ । କାହାକୁ କଣ ଦେଉଛନ୍ତି ସେଇଟା ବଡ଼ କଥା ନୁହେଁ କିଏ ଦେଉଛି ସେଇଟା ବଡ଼ । ଏଇଟା ପ୍ରଚାର ପ୍ରସାରର ଯୁଗ । ଜନତା ଜନାର୍ଦ୍ଦନଙ୍କୁ ପ୍ରମାଣ ଦରକାର । ସୀତାମାତାଙ୍କୁ ପ୍ରମାଣ ଦରକାର ଥିଲା ବୋଲି ହନୁମାନଙ୍କୁ ଛାତି ଚିରି ଦେଖେଇବାକୁ ପଡିଲା । ଦେଶ ପାଇଁ ହୃଦୟରେ ଯେତେ ଭକ୍ତି ଥାଉ ପଛେ ଯଦି ତ୍ରିରଙ୍ଗା ସହ ସେଲ୍ଫି ନେଇ ଦେଶଭକ୍ତର ପ୍ରମାଣ ପତ୍ର ସରକାରଙ୍କ ଠାରୁ ପାଇନ ତେବେ ତୁମେ କଣ ଦେଶପ୍ରେମୀରେ ଗଣାହେବ ? ଜାଣିଲ ନରି ଭାଇ ସଚ୍ଚୋଟ ଦେଶଭକ୍ତର ପରିଚୟ ପାଇଁ ଦେଶସେବା ଆଦୌ ଦରକାର ନାହିଁ ବରଂ ପାରୁଛ ଯଦି ଗୋଟେ ପ୍ରମାଣ ପତ୍ର କେଉଁଠୁ ଯୋଗାଡ଼ କର । ଯୋଗାଡ଼ବେଳେ ସଚ୍ଚୋଟତା ନରଖିଲେ ଚଳିବ ।





**ବନମାଳୀ ଭବନ, ଖାନ୍ ନଗର, କଟକ**
**ମୋ-୯୪୩୭୦ ୧୦୭୫୮**

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

# ଯାତରାର ସାହା !

ଯାତ୍ରା ଦିନକୁ ଦି ଯେଉଁ ପରମ୍ପରା ଭାଙ୍ଗି ଆଗେଇ ଆସିଛି, କିଛିଦିନ ପରେ ଯାତ୍ରା ମୂଳଧାରାରୁ ଦୂରେଇ ଗଲା ଭଳି ଲାଗୁଛି ବୋଲି ସଚେତନ ଦର୍ଶକ ମତ ଦିଅନ୍ତି । ଯାତ୍ରାରେ କେବଳ ଚହଳ ସୃଷ୍ଟି କରୁଥିବା ନାଟକଗୁଡ଼ିକ ଭାଇରାଲ କରାଯାଇ କ୍ରେଜ୍ ତିଆରି କରାଯାଉଛି ବୋଲି କୁହାଯାଉଛି । ଭଲ ନାଟକକୁ ଅଣଦେଖା କରିବା ଓ ଚାଲୁ ବିଷୟବସ୍ତୁକୁ ନେଇ ନାଟକ ତିଆରି କରାଯିବା ଓ ମିଛ ନାଟତାମସା ମଧ୍ୟରେ ନାଟକର ମାହୋଲ ସୃଷ୍ଟି କରିବାର ପରମ୍ପରା ଯାତ୍ରାକୁ ବିପଥଗାମୀ କରୁଛି ବୋଲି ଯେଉଁ କେତେଜଣ ମତ ମନ୍ତବ୍ୟ ପ୍ରଦାନ କରୁଛନ୍ତି, ତାହା ମିଛ ହୋଇ ନପାରେ । ଯାତ୍ରାର ଦର୍ଶକ ସଂଖ୍ୟା ଓ ଆନୁପାତିକ ପରିସଂଖ୍ୟାନ ଯଦି ଦେଖାଯାଏ, କେତେଜଣ ସଚେତନ ଦର୍ଶକ ଯାତ୍ରା ଦେଖିବାକୁ ଯାଉଛନ୍ତି, ତାହା ମଧ୍ୟ ଆଉ ଏକ ବିଚାରର କଥା । ଯେଉଁମାନେ ଆଗ୍ରହ ପ୍ରକାଶ କରି ଯାତ୍ରାକୁ ଯାଉଛନ୍ତି, ସେମାନଙ୍କର ଉଦ୍ଦେଶ୍ୟ ଅଧିକାଂଶଙ୍କର ଭିନ୍ନ । ମନୋରଞ୍ଜନ ପାଇଁ ସେମାନେ କେବଳ ମେଲୋଡି ଉପରେ ଭରସା କରିଯାଇଥାନ୍ତି । ସେହି ଯୁବଗୋଷ୍ଠୀଙ୍କୁ ନେଇ ଯଦି ଯାତ୍ରାର ମାନ ନିର୍ଦ୍ଧାରଣ କରାଯାଏ, ଓଡ଼ିଶାର କଳା, ସଂସ୍କୃତିକୁ ବଞ୍ଚାଇବ କିଏ, ତାହା ମଧ୍ୟ ଆଉ ଏକ ବଡ଼ ପ୍ରଶ୍ନବାଚୀ !

## ପରିବାର ସହ ଦେଖିବା ଭଳି ନାଟକ କାହିଁ-

ପରିବାର ସହ ବସି ନାଟକକୁ ଉପଭୋଗ କରିବା ଭଳି ନାଟକ ପ୍ରାୟ ଦେଖାଯାଉନାହିଁ, ଯଦିଓ ଚଳିତବର୍ଷ ଅଳ୍ପ କେତେଖଣ୍ଡ ନାଟକ ପ୍ରସ୍ତୁତ କରାଯାଇଛି, ଯାହା ବେଶ କଳାତ୍ମକ ଓ ବ୍ୟବସାୟିକ ସଫଳତା ମଧ୍ୟ ପାଇପାରିଛି । ଓଡ଼ିଶାର ଏତେ କଳା, ସଂସ୍କୃତି, ସାହିତ୍ୟ ବଳିଷ୍ଠ ଥିବା ସତ୍ତ୍ୱେ ବି ନାଟ୍ୟକାରମାନେ ସେସବୁକୁ ପ୍ରୟୋଗ କରି ନାଟକ ନକରି କାହିଁକି ଅତିରଞ୍ଜିତ କାହାଣୀକୁ ନେଇ ନାଟକ କରୁଛନ୍ତି । ଅତିରଞ୍ଜିତ କାହାଣୀକୁ



ଭରସା କରି ଅନେକ ବିବାଦୀୟ କଥା ମଧ୍ୟ ନାଟକରେ ପରିବେଷଣ ହେଉଛି । ପରିବାର ଦେଖିବା ଭଳି ନାଟକ ଉଭୟ କଳାତ୍ମକ ଓ ଆଧୁନିକ ସମୀକରଣରେ ନାଟକ କଣ ପ୍ରସ୍ତୁତ ହୋଇପାରିବ ନାହିଁ ? ଯାତ୍ରା ନାଟକ ମନକୁ ମନ କଳାତ୍ମକ ଦିଗ ଠାରୁ ଦୂରେଇ ଯାଉଛି । ଓଡ଼ିଶାର ସଚେତନ ନାଗରିକମାନେ ଯାତ୍ରାରୁ ମୁହଁ ଫେରାଇ ନେବା ଓ ଯାତ୍ରା ନାଟକ ସବୁବର୍ଗର ଦର୍ଶକଙ୍କ ପାଇଁ ପ୍ରସ୍ତୁତ ହୋଇ ନପାରିବା ନିହାତି ଦୁଃଖ ଓ ପରିତାପର ବିଷୟ ।

## ସଂସ୍କୃତିର ଅବଧାରକ ସାଜିପାରିନି ଯାତ୍ରା-

ଯାତ୍ରା କେବଳ ଯାତେରା ହୋଇ ରହିଯାଉଛି । ବିଗତଦିନ ମାନଙ୍କର ଯେଉଁଭଳି ଭାବରେ ନାଟକ ଯାତ୍ରାନୁଷ୍ଠାନ ସବୁ ଭେଟି ଦେଉଥିଲେ, ଆଜିକାଲି ସେଭଳି ଦେଖିବାକୁ ମିଳୁନାହିଁ । ସଂସ୍କୃତିର ଛିଟା ରଖି ଯଦି ଯାତ୍ରାକୁ ସେଇପଥରେ ଆଗେଇ ନିଆଯାଆନ୍ତା, ନାଟକ ପ୍ରତି ଲୋକଙ୍କ ଆଗ୍ରହ ବ ଢ଼ନ୍ତା । ଯାତ୍ରାକୁ ଅତି ବ୍ୟବସାୟୀକରଣ କରିବା ଦ୍ୱାରା ନାଟକ ନିଶ୍ଚିତ ଗୁରୁତ୍ୱ ହରାଉଛି ।

## ନାଟକରେ ଭାଇଗିରି-

କିଛି ଯାତ୍ରାନୁଷ୍ଠାନ ଜଣେ ଜଣେ କଳାକାରଙ୍କୁ ଭରସା କରି ନାଟକ ପ୍ରସ୍ତୁତ କରୁଛନ୍ତି । ମୁଖ୍ୟ ନାୟକ ଭାବରେ ସେହି ନାୟକ କି ଖଳନାୟକ ନାଟକର ସାରା ସତ୍ତାକୁ କବ୍ଜା କରି ବସୁଛି । ନାଟକ ସାରା ସେହି କଳାକାରଙ୍କର କେବଳ ଭାଇଗିରି ଚାଲୁଛି ସିନା ସେମିତି କିଛି ନୂତନତ୍ୱ ଦେଖିବାକୁ ମିଳୁନାହିଁ । ଟାଇଟେଲ୍‌କୁ ନ୍ୟାୟ ଦେବାକୁ ଯାଇ ନାଟ୍ୟକାର ଟାଣିଟୁଣି ଚରିତ୍ରକୁ ଖାପ୍ ଖୁଆଇବା ଭଳି ଅନେକ ଅବାଞ୍ଛିତ କଥାକୁ ଆଣି ଉପସ୍ଥାପନା କରୁଛନ୍ତି । ନାଟକ ସହିତ କିଛି ତାଳମେଳ ନଥିବା ଚରିତ୍ର, ପଶୁପକ୍ଷୀଙ୍କୁ ଆଣି ଲୋକଙ୍କୁ ଭୂଆଁ ବୁଲେଇବାକୁ ଚେଷ୍ଟା କରାଯାଉଛି ସିନା, ବାସ୍ତବତା ବୋଲି କିଛି ରହୁନାହିଁ ।

## ଚାଲିଛି କଳାସାଆନ୍ତ ଟ୍ରେଣ୍ଡ-

କିଛିବର୍ଷ ହେଲା ନାଟ୍ୟକାର ଆଉ କୌଣସି ବିଷୟବସ୍ତୁକୁ ନେବା ଅପେକ୍ଷା କଳା ସାଆନ୍ତଙ୍କୁ ପର୍ଯ୍ୟବେସିତ କରି ନାଟକ କରୁଥିବା ଦେଖାଯାଉଛି । କାହାଣୀକୁ କାହାଣୀ ଯୋଡ଼ି କାଳିଆ ଠାକୁରଙ୍କୁ ନାଟକ ଭିତରକୁ ଟାଣିବା ଓ ହିଟ୍ ସାବ୍ୟସ୍ତ ନାଁରେ କେତେକାଂଶରେ କଦର୍ଥ କରିବା ଭଳି ଘଟଣା ମଧ୍ୟ ଦେଖାଯାଉଛି । ଓଡ଼ିଆ ଦେଖାଶିଖା ନ୍ୟାୟ ଭଳି ଗୋଟିଏ ପରେ ଗୋଟିଏ ପାର୍ଟି ସେଇ କଳା ସାଆନ୍ତଙ୍କୁ କେନ୍ଦ୍ର କରି ନାଟକ ପ୍ରସ୍ତୁତ କରିବା ଦେଖାଯାଉଛି ।



ନାର୍ଜିଆ

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com